**ଡିଏସ୍‌ପିଙ୍କୁ ବିଦାୟ ସମ୍ବର୍ଦ୍ଧନା**

ରାଉରକେଲା ଅଫିସ: ରାଉରକେଲା ଜୋନାଲ ଡିଏସ୍‌ପି ଜ୍ୟୋତିର୍ମୟ ଭୁକ୍ତାଙ୍କର କଳାହାଣ୍ଡିକୁ ବଦଳି ହୋଇଛି। ଏହି ଅବସରରେ ସେକ୍ଟର-୧୯ ଥାନା ପରିସରରେ ଶୁକ୍ରବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡିଏସ୍‌ପି ଭୁକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁମନ ଦତ୍ତ, ସେକ୍ଟର-୧୯ ଥାନା ପ୍ରଭାରୀ ମାନସ ରଞ୍ଜନ ସ୍ୱାଇଁ, କଞ୍ଜବିହାରୀ ରାଉତ, ନିହାର ଦାସ, ଗଣେଶ ଜୟସିଂହ, ଏସ୍‌ଆଇ ଲୋହିତ ରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ୨ କୋର୍ଟ ଚାଲାଣ

**ବେଦବ୍ୟାସ, ୨୬।୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଟିସିଆଇ ଛକରେ ଛିଡା ହୋଇଥିବା ଏକ ହାଇୱାରୁ ବ୍ୟାଟେରି ଚୋରି କରିବା ଅଭିଯୋଗରେ ଶୁକ୍ରବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦୁଇ ଜଣ ହେଲେ ସାହେବ ଓରଫ ମହମ୍ମଦ ଆରସଦ (୨୭) ଓ ମହମ୍ମଦ ଆଜାଦ ଓରଫ ସଫି ଆଜାଦ ଅଲ୍ଲୀ । ସେମାନେ ହାସନପୁର ମହତାବ ରୋଡ ରାଉରକେଲା ନିବାସୀ ବୋଲି ଜଣାପଡିଛି । ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ବ୍ୟବସାୟୀ ସଂଘର ଆହ୍ୱାନକ୍ରମେ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଏଥିଯୋଗୁ ବେଦବ୍ୟାସ ଟିସିଆଇ ଛକରେ ଚାଳକ ହାଇୱା (ନଂ. ଏମଏଚ ୦୪ ଏଚଡି- ୩୮୪୩ )କୁ ରଖି ଦେଇଥିଲେ । ଏହାଦେଖି ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଅଭିଯୁକ୍ତମାନେ ଉକ୍ତ ଗାଡିରୁ ବ୍ୟାଟେରି ଖୋଲୁଥିଲେ । ହାଇୱାର କର୍ମଚାରୀମାନେ ଗାଧୋଇ ଫେରିବା ବେଳେ ଏହା ଦେଖି ଦୁଇ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ହାଇୱା ଚାଳକ ରାମଲାଲ ସିଂ ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏ ନେଇ ନଂ. ୪୫/୨୧ରେ ମାମଲା ରୁଜୁ ହୋଇଛି। ବ୍ୟାଟେରୀ ଦୁଇଟି ଏଓଏସଏସ କମ୍ପାନୀର ଓ ଏହାର ବଜାର ମୂଲ୍ୟ ପ୍ରାୟ ୨୦ ହଜାର ହେବ ବୋଲି ତଦନ୍ତ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।

### ବଡଗାଁ ଯୁକ୍ତ ୨ କଲେଜର ଛାତ୍ରୀ ନିବାସ ଉଦ୍‌ଘାଟିତ

**ବଡଗାଁ,୨୬।୨(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ଯୁକ୍ତ ୨ କଲେଜର ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ ଛାତ୍ରୀ ନିବାସ ଗୁରୁବାର ଉଦ୍‌ଘାଟିତ ହୋଇଛି। କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବିନୟ ଟପ୍ପୋ ଫିତା କାଟି ନୂତନ ଛାତ୍ରୀ ନିବାସ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ଚୌଧୁରୀ କହିଥିଲେ ଛାତ୍ରୀ ନିବାସରେ ସମସ୍ତ ସୁବିଧା ଓ ସୁରକ୍ଷା ସହିତ ୭୦ ଜଣ ଛାତ୍ରୀଙ୍କ ରହିବା ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଗତବର୍ଷ କାଉନସିଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିବା କଳା ବିଭାଗର ଛାତ୍ରୀ ସରିତା ସେନାପତି ଓ ବିଜ୍ଞାନ ବିଭାଗର ଛାତ୍ର ସ୍ୱାଗତ ଗୁରୁଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ୫ ହଜାର ଟଙ୍କା ଲେଖାଏ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଅଧାପକ ଦଶରଥ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଲଖନପୁର,୨୬।୨(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ମୁଖ୍ୟ ହସ୍ପିଟାଲ୍ ରାସ୍ତାର ବାଲିଝୁରୀ ନର୍ସରୀ ନିକଟ ରାସ୍ତାପାର୍ଶ୍ୱ ଏକ ଚାକୁଣ୍ଡା ଗଛରେ ଶୁକ୍ରବାର ଜଣେ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଖବରପାଇ ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ତାଳପଟିଆ ଫାଣ୍ଡି ଅଧିକାରିଣୀ କଲ୍ୟାଣୀ ବେହେରା, ଶରତ ଚନ୍ଦ୍ର ଦ୍ୱିବେଦୀ ଓ ଜଗଦୀଶ ଜେନାଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ପୋଲିସ୍ ଏକ ଅପମୃତ୍ୟୁ ମାମଲା (ନଂ.୯/୨୧) ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଚିହ୍ନଟ ପାଇଁ ଡାକ୍ତରଖାନା ମର୍ଗରେ ରଖାଯାଇଛି। ଯୁବକଙ୍କ ବେକରେ ଏକ ପ୍ଲାଷ୍ଟିକ୍ ରଶି ଲାଗିଛି ।

### ଚାକିରି ଦାବିରେ ଧାରଣା

**ବ୍ରଜରାଜନଗର, ୨୬।୨(ଡି.ଏନ.ଏ.):** ସ୍ଥାନୀୟ ହରିଓମ୍ ବିହାରରେ ଜଣେ ଅସହାୟ ଯୁବକଙ୍କ ଜଣ୍ଡିସ୍‌ରେ ଅକାଳ ମୃତ୍ୟୁ ଘଟିଛି। ସେ ହେଲେ ରୋମାଞ୍ଚ ପାଣିଗ୍ରାହୀ (୩୪)। ରୋମାଞ୍ଚ ଏମ୍‌ସିଏଲ୍ ଅଧୀନ ଗ୍ଲୋବାଲ କୋଲ ୱାସରୀ କାର୍ଯ୍ୟରତ ଥିଲେ। ଏପରିସ୍ଥଳେ ଦୀର୍ଘ ୪ ମାସ ହେଲା ସେ ଜଣ୍ଡିସ୍‌ରେ ପୀଡିତ ହୋଇ ଶେଷରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ସ୍ତ୍ରୀଙ୍କୁ କମ୍ପାନୀରେ ଚାକିରି ଦେବା ଦାବିରେ ବ୍ରଜରାଜନଗର ସହରାଞ୍ଚଳର ଶତାଧିକ ବୁଦ୍ଧିଜୀବୀ ମୃତଦେହ ରଖି ଧାରଣା ଦେଇଥିଲେ। କମ୍ପାନୀ ମୁଖ୍ୟ ପରିଚାଳକ ଓକିଲ ବାବୁ ଚାକିରି ଦେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ସ୍ଥାନୀୟ ଇବ୍ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



ଏଡିଏମ୍‌ଙ୍କ ଅଫିସ୍ ସମ୍ମୁଖରେ ମୃତକଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ।

# ମର୍ଗ ହାଉସରେ ଶଢୁଛି ମୃତଦେହ

**ରାଉରକେଲା ଅଫିସ,୨୬।୨**

- ଆନ୍ଦୋଳନ ଜାରି, ୧୫ ଦିନ ପରେ ବି ଉଠିଲାନି
- ସମାଧାନ ବୈଠକ ବିଫଳ
- ୧୨ ଲକ୍ଷ କ୍ଷତିପୂରଣ ଦାବି କରୁଛନ୍ତି ମୃତ ଶ୍ରମିକଙ୍କ ପରିବାର

ଗତ ୧୫ ଦିନ ହେବ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ମର୍ଗ ହାଉସରେ ଠିକା ଶ୍ରମିକ ରାଇସେନ ମାର୍ଣ୍ଡି(୫୨)ଙ୍କ ମୃତଦେହ ପଡିରହି ଶଢୁଛି। ପରିବାର ଲୋକେ ମୃତଦେହ ଉଠାଉନାହାନ୍ତି । ଦାବି ଅନୁସାରେ କ୍ଷତିପୂରଣ କିମ୍ବା ଅନୁକମ୍ପାମୂଳକ ନିଯୁକ୍ତି ପ୍ରତିଶ୍ରୁତି ମିଳି ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ଘଟଣାର ସମାଧାନ ପାଇଁ ବୈଠକ ବସିଥିଲେ ମଧ କିଛି ସୁଫଳ ମିଳିପାରିନାହିଁ। ଏବେ ଏହି ମାମଲା କେନ୍ଦ୍ର ଜନଜାତି ଆୟୋଗ ନିକଟରେ ପହଞ୍ଚିଛି ।

ରାଉରକେଲା ଏଡିଏମ ଆବୋଲି ସୁନୀଲ ନରୱେଣେଙ୍କ ଅଧକ୍ଷତାରେ ଶୁକ୍ରବାର ଆୟୋଜିତ ବୈଠକରେ ଏଡିଏମଙ୍କ ସମେତ ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ଜୋନାଲ ଡିଏସ୍‌ପି ଅସୀମ ପଣ୍ଡା, ହାତୀବନ୍ଧା, ସିଉଡିହି ଓ ଜଲଦା ସରପଂଚ ଏବଂ ଶ୍ରମିକ ନେତା ରମେଶ ସାହୁ ଯୋଗ ଦେଇଥିଲେ। ସେହିପରି ମୃତକଙ୍କ ପରିବାର ଏବଂ ବହୁ ବରିଷ୍ଠ ଆରଏସପି ଅଧିକାରୀ ଉପସ୍ଥିତ ଥିଲେ। ଦୀର୍ଘ ୪ଘଣ୍ଟା ଧରି ବୈଠକ ଚାଲିଥିଲା । ମୃତକଙ୍କ ସମ୍ପର୍କୀୟ ଅନୁକମ୍ପା ନିଯୁକ୍ତି ଓ କ୍ଷତିପୂରଣ ବାବଦ ୧୨ଲକ୍ଷ ଟଙ୍କା ଦାବି କରିଥିଲେ । ଏଥିରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସହମତ ହୋଇ ନ ଥିଲେ। ଉଭୟ ପକ୍ଷ ନିଜ ଜିଦ୍‌ରେ ଅଟଳ ରହିବାରୁ ସମସ୍ୟାର ସମାଧାନ ହୋଇପାରି ନ ଥିଲା । ଫଳରେ ମୃତଦେହ ମର୍ଗ ହାଉସରୁ ଉଠିବା ନେଇ ଅନିଶ୍ଚିତତା ଲାଗି ରହିଛି। ଅନ୍ୟପକ୍ଷେ ଏହି ଘଟଣା ଭିନ୍ନ ମୋଡ ନେବାକୁ ବସିଲାଣି। ଏହି ଘଟଣାରେ ମୃତକଙ୍କ ପରିବାର ଲୋକେ ଜନଜାତି ଓ ମାନାବାଧିକାର କମିଶନଙ୍କ ହସ୍ତକ୍ଷେପ ଲୋଡିଛନ୍ତି ।

ସୂଚନାଯୋଗ୍ୟ, ଗତ ୧୧ ତାରିଖ ରାତିରେ ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ ନୟାଡେରା ଗାଁର ଠିକା ଶ୍ରମିକ ରାଇସେନ ସି ସିଫ୍ଟ ଡ୍ୟୁଟିରେ ଯାଇ ଆରଏସ୍‌ପି ଭିତରୁ ଆଉ ଘରକୁ ଫେରି ନ ଥିଲେ। ସକାଳେ ତାଙ୍କ ମୃତ୍ୟୁ ଖବର ମିଳିଥିଲା।

# ସ୍ୱାମୀ ହତ୍ୟାକାରିଣୀଙ୍କୁ ଆଜୀବନ କାରାଦଣ୍ଡାଦେଶ

**ରାଉରକେଲା ଅଫିସ,୨୬।୨**

ଏକ ହତ୍ୟା ମାମଲାର ଶୁଣାଣି କରି ପ୍ରଥମ ଶ୍ରେଣୀ ଜିଲା ଦୌରାଜଜ୍ ଦୀପକ କୁମାର ଶୁକ୍ରବାର ମୃତକଙ୍କ ସ୍ତ୍ରୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୨ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ଆଦେଶନାମାରେ କୁହାଯାଇଛି।

ସୂଚନା ଅନୁସାରେ, ରାଉରକେଲା ଟିମ୍ବର କଲୋନୀର ରୁହନ୍ତି ପପୁ ସିଂ। ପରିବାର କହିଲେ ସ୍ତ୍ରୀ ମନଜିତ କୌର ଏବଂ ଗୋଟିଏ ଛୋଟ ଝିଅ। ପପୁ ପେଶାର ଜଣେ ଡ୍ରାଇଭର ହୋଇଥିବାରୁ ଅଧିକାଂଶ ସମୟ ବାହାରେ ରୁହନ୍ତି। ଗାଡି ନେଇ ବାହାରକୁ ଯାଇଥିବା ପପୁ ଗତ ତା୧।୧୦। ୨୦୧୭ରିଖ ରାତିରେ ଘରକୁ ଫେରିଥିଲେ। ପେଟରେ ଭୀଷଣ ଯନ୍ତ୍ରଣା ହେଉଛି କହି ସେ ଶୀଘ୍ର ଶୋଇ ପଡିଥିଲେ। ପରଦିନ ସକାଳେ ପପୁଙ୍କ ମୃତ୍ୟୁ ହୋଇଥିବା ନେଇ କାନ୍ଦି କାନ୍ଦି ପଡୋଶୀଙ୍କୁ ଜଣାଇଥିଲେ ମନଜିତ। ଅସୁସ୍ଥତା କାରଣରୁ ସ୍ୱାମୀଙ୍କ ମୃତ୍ୟୁ ଘଟିଲା ବୋଲି ଅନ୍ୟମାନଙ୍କୁ ଜଣାଇଥିଲେ। ପରେ ମନଜିତ ପ୍ଲାଣ୍ଟସାଇଟ ଥାନାରେ ଏକ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୩/୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପପୁଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତକଙ୍କ ସ୍ତ୍ରୀ ମନଜିତ କୌର ଏବଂ ତାଙ୍କ ଦଲଜିତ ସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ଦୀପକ କୁମାର ୧୯ଟି ଦସ୍ତାବିଜ ଓ ୧୫ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଶୁକ୍ରବାର ଅଭିଯୁକ୍ତ ମନଜିତ କୌରଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେହିପରି ପ୍ରମାଣ ଅଭାବରୁ ଦଲଜିତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ଶଯ୍ୟାରେ ୧୭ ବର୍ଷ, ଅର୍ଥାଭାବ ଚିକିତ୍ସାରେ ବାଧକ


ଶଯ୍ୟାଶାୟୀ ପ୍ରିୟଙ୍କା ।

**ରାଉରକେଲା ଅଫିସ,୨୬।୨**

ରାଉରକେଲା ଲେବର ଟେନାମେଣ୍ଟ କଲୋନୀର ବାସିନ୍ଦା କ୍ରିଷ୍ଣା ଗୋପାଳ ଭୋଳ ଏବଂ ପିଙ୍କିଙ୍କ ବଡ ଝିଅ ହେଉଛନ୍ତି ପ୍ରିୟଙ୍କା(୧୮)। ୨୦୦୪ ମସିହାରେ ପ୍ରିୟଙ୍କା ଯେତେବେଳେ ବର୍ଷକର ହୋଇଥିଲେ, ସେତେବେଳେ ସେ ଏକ ତୃତୀୟ ମହଲା କୋଠା ପାହାଚରୁ ତଳକୁ ଖସି ପଡ଼ିଥିଲେ। ସେବେଠାରୁ ସମ୍ପୂର୍ଣ୍ଣ ଭାବେ ଶଯ୍ୟାଶାୟୀ ଅଛନ୍ତି ପ୍ରିୟଙ୍କା। ୧୭ବର୍ଷ ଭିତରେ ଗରିବ ମା' ବାପା ପ୍ରିୟଙ୍କାଙ୍କୁ ଭଲ କରିବା ପାଇଁ ଅନେକ ହସ୍ପିଟାଲ ଯାଇଛନ୍ତି। ହେଲେ ସବୁଠି ଅର୍ଥାଭାବରୁ ପ୍ରିୟଙ୍କାଙ୍କ ଉପଯୁକ୍ତ ଚିକିତ୍ସା ହୋଇପାରିନାହିଁ। ବର୍ତ୍ତମାନ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେଉଛି। ଖବର ପାଇ ସ୍ଥାନୀୟ ସାମାଜିକ କର୍ମୀ ଶାନ୍ତନୁ କୁସୁମ ଶୁକ୍ରବାର କ୍ରିଷ୍ଣା ଗୋପାଳଙ୍କ ଗରିବ କୁଡ଼ିଆରେ ପହଞ୍ଚି ଝିଅର ଚିକିତ୍ସା ନିମନ୍ତେ ସହାୟତା ପାଇଁ ଭରସା ଦେଇଛନ୍ତି। କୁସୁମ କହିଛନ୍ତି, ଜିଲା ପ୍ରଶାସନ, ରାଜ୍ୟ ସରକାର ଏବଂ ସହୃଦୟ ବ୍ୟକ୍ତି ମଧ ଆଗେଇ ଆସିଲେ ପ୍ରିୟଙ୍କାଙ୍କ ଉନ୍ନତର ଚିକିତ୍ସା ସମ୍ଭବ ହୋଇପାରନ୍ତା।

# ଝାରସୁଗୁଡ଼ାରେ ଭାରତ ବନ୍ଦର ପ୍ରଭାବ

**ଲଖନପୁର,୨୬।୨(ଡି.ଏନ୍.ଏ.)**

ଜିଏସ୍‌ଟି ସରଳୀକରଣ ଦାବିରେ ସର୍ବଭାରତୀୟ ବ୍ୟବସାୟୀ ସଂଘ ଶୁକ୍ରବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ଏହାକୁ ସମର୍ଥନ ଜଣାଇ ଝାରସୁଗୁଡ଼ା ଜିଲା ବଣିକ ସଂଘ ବନ୍ଦ ପାଳନ କରିଥିଲା। ଜିଲାର ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏଥିରେ ଜନଜୀବନ ପ୍ରଭାବିତ ହୋଇଥିଲା। ଜିଲାର ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ଼, ଲଖନପୁର, ବନ୍ଧବାହାଲ, ଇବ୍‌ଥର୍ମାଲ, କୁଲାବିରା, ଲଇକେରା, କିର୍ମିରା ଆଦି ପୌରାଞ୍ଚଳ ଓ ବ୍ଲକ୍‌ରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଝାରସୁଗୁଡ଼ା ସହରର ପ୍ରସନ୍ନ ପଣ୍ଡା ଛକ, ସୁନାରୀମୁଣ୍ଡା ଛକ, ରେଲୱେ ଷ୍ଟେଶନ୍ ଛକ, ବସ୍‌ଷ୍ଟାଣ୍ଡ ଗାନ୍ଧୀ ଛକ ଆଦି ସ୍ଥାନରେ ଆନ୍ଦୋଳନକାରୀ ପିକେଟିଂ କରି ରାସ୍ତାରେ ଧାରଣାରେ ବସରହିଥିଲେ। ଆନ୍ଦୋଳନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଜିଲା ଚାମ୍ବର ଅଫ୍ କମର୍ସ, ଜିଲା ବାର୍ ଆସୋସିଏଶନ୍, ବସ୍ ଆସୋସିଏଶନ୍,ଟ୍ରକ୍ ଆସୋସିଏଶନ୍, ସିଏ ଆସୋସିଏଶନ୍, ବିଜେଡି, କଂଗ୍ରେସ ଆଦି ସଙ୍ଗଠନ ସାମିଲ ହୋଇଥିଲେ। ହୀରାଲାଲ୍ ଲୋକଚାନ୍ଦାନୀ, ଭବାନୀ ଶଙ୍କର ସାହା, ଆନନ୍ଦ ଗୋଏଲ, ଟିଲୁ ମୋଦୀ, ରାଜେଶ ଅଗ୍ରୱାଲ, ଚୁନିଲାଲ୍ କାକାନୀ, ଶୈଳେଶ ଗିଡ଼ିୱାନୀ, ପ୍ରଶାନ୍ତ ନନ୍ଦ, ତ୍ରିନାଥ ଗୁଆଲ ପ୍ରମୁଖ କର୍ମକର୍ତ୍ତା ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ।


ଝାରସୁଗୁଡ଼ା ରେଲୱେ ଷ୍ଟେଶନ୍ ଛକରେ ଆନ୍ଦୋଳନକାରୀ ବସିରହିଛନ୍ତି।

# ବଡଗାଁ ବ୍ୟବସାୟୀ ସଂଘ ଗଠିତ

**ବଡଗାଁ, ୨୬।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁରେ ଶୁକ୍ରବାର ବ୍ୟବସାୟୀ ସଂଘ ଗଠନ କରାଯାଇଛି। ମଧାହ୍ନରେ ଏଥିପାଇଁ ଆୟୋଜିତ ବୈଠକରେ କ୍ଷୁଦ୍ର, ମଧ୍ୟମ ଓ ବଡ ବ୍ୟବସାୟୀମାନେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ଶୁକବାର ସମସ୍ତ ଦୋକାନ ବନ୍ଦ ରଖିବେ ବୋଲି ସହମତି ପ୍ରକାଶ ପାଇଥିଲା। ଯଦି ପର୍ବପର୍ବାଣୀ ଏହି ଦିନ ରହେ ତାହେଲେ ଦୋକାନ ଖୋଲା ରଖିପାରିବେ। ଛୋଟିଆ ଦୋକାନୀ ଯଥା ଚା, ପାନ, ଔଷଧ, ଫଳ ଦୋକାନ ତାଙ୍କ ଇଚ୍ଛା ମୁତାବକ ବନ୍ଦ କରିପାରିବେ। ଏହି ଅବସରରେ ବ୍ୟବସାୟୀ ସଂଘ ପରିଚାଳନା ପାଇଁ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ କମିଟିର ସଭାପତି ଭାବେ ଭୋଳାନାଥ ଦାସ, ସମ୍ପାଦକ ଏସ. ଅଗ୍ରୱାଲ, ପରିଚାଳନା କମିଟି ସଭ୍ୟ ଭାବେ ଏମଡି ଖୁର୍ସିଦ, ଦିଲୀପ ସାହୁ, ପ୍ରଦ୍ୟୁମ୍ନ ପଣ୍ଡା, ସୁନୀଲ ନାଏକ, ଗୋକୁଳା ମିଶ୍ର, ରବିନାରାୟଣ ସା, ଶିବଶଙ୍କର ସାଙ୍କୁ ମନୋନୀତ କରାଯାଇଥିଲା।

# କବିତା ପୁସ୍ତକ ଲୋକାର୍ପିତ

**ସୁନ୍ଦରଗଡ,୨୬।୨(ଡି.ଏନ୍.ଏ.)**

କବୟିତ୍ରୀ ତଥା ଅଧାପିକା ମିନତୀ ମିଶ୍ରଙ୍କ କବିତା ସଙ୍କଳନ 'ଅନେକ ଶରତ ଓ ଅନ୍ୟାନ୍ୟ କବିତା' ସଙ୍କଳନ ଉନ୍ମୋଚିତ ହୋଇଛି। ଝାରସୁଗୁଡା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଚିରବ୍ରତ ଦତ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାହିତ୍ୟ ସମାରୋହରେ ମୁଖ୍ୟଅତିଥି ଭାବେ ଗୀତିକାର ଦୁର୍ଗା ମାଧବ ପଣ୍ଡା ଓ ସମ୍ମାନିତ ଅତିଥି ରୂପେ ବଡଗାଁ ମହାବିଦ୍ୟାଳୟର ଅଧାପିକା ଡ. ସୁପ୍ରିୟା ପାଲ୍, ବାଲିଶଙ୍କରା କନିଷ୍ଠ ମହାବିଦ୍ୟାଳୟର ଅଧାପିକା ଡ. ମମତା ପ୍ରିୟଦର୍ଶିନୀ ସାହୁ, ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧାପକ ନୂତନ ଖମାରୀ ଯୋଗଦେଇ କବିତା ସଙ୍କଳନକୁ ଉନ୍ମୋଚନ କରିବା ସହ ସମୀକ୍ଷା କରିଥିଲେ। ଆତ୍ମିକ ଓ ଆଙ୍ଗିକ ଦୃଷ୍ଟିକୋଣରୁ କବୟିତ୍ରୀଙ୍କ ଏହି କବିତା ସଙ୍କଳନ ଏକ ସଫଳ କାବ୍ୟ ସଙ୍କଳନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କବୟିତ୍ରୀ ମିନତୀ କବିତା ପଛର କଥା ଓ କାବ୍ୟ ଲିଖନର କଳା ସଂପର୍କରେ ଆଲୋକପାତ କରିଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ଗୋପକୃଷ୍ଣ ନାୟକ, ଲଳିତାଖଣ୍ଡା, ମୀନାରାଣୀ ସହାୟ, ଶିବାଶୀଷ ପାଢୀ, ଜୋସ୍ନାରାଣୀ ନାଏକ, କିଶୋରୀ ଦାଶ, ସୌରଭ ପାଣିଗ୍ରାହୀ, ଡ. ସୁରେଶ ପାଣ୍ଡେ, ମିନାକ୍ଷୀ ନାଏକ, ଅଶ୍ୱିନୀ ମିଶ୍ରଙ୍କ ସମେତ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।



କବିତା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

# ସୁନ୍ଦରଗଡ଼ରେ ଭାରତ ବନ୍ଦ, ଜନଜୀବନ ପ୍ରଭାବିତ

**ସୁନ୍ଦରଗଡ,(ଡି.ଏନ୍.ଏ.)/ ରାଉରକେଲା ଅଫିସ୍,୨୬।୨**

ଅଖିଳ ଭାରତୀୟ ବ୍ୟବସାୟୀ ସଂଘ ପକ୍ଷରୁ ଆହୂତ ଭାରତ ବନ୍ଦ ଯୋଗୁ ସୁନ୍ଦରଗଡ ଜିଲାରେ ଜନଜୀବନ ପ୍ରଭାବିତ ହୋଇଛି। ଜିଲା ସଦର ମହକୁମା ସୁନ୍ଦରଗଡ ସମେତ ରାଉରକେଲା, ରାଜଗାଙ୍ଗପୁର ଓ ଅନ୍ୟାନ୍ୟ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସୁନ୍ଦରଗଡ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଏଥିରେ ସାମିଲ ହୋଇଥିଲେ। ସୁନ୍ଦରଗଡରେ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ପେଟ୍ରୋଲ ପମ୍ପ ଓ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏହି ଅବସରରେ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଓମପ୍ରକାଶ ସାହୁ, ରୋଶନ ଅଲ୍ଲୀ, ଗଣେଶ ରୋହିଲା, ଅମୁ ବଜାଜ୍, ସରତେନ୍ଦୁ ମହାପାତ୍ର, କମଲେଶ ନାଥାନୀ, ଯାମିନୀକାନ୍ତ ନାଏକ, ଦୀନବନ୍ଧୁ ଭିତ୍ରିଆ, ନାନକରାମ ଭୋଜଓାନୀ, ଜୟମଙ୍ଗଳ ସିଂ, ନରେନ୍ଦ୍ର ସିଂ, ବୁଲୁ ଦାସ, ରାଜୁ ଅଗ୍ରଓାଲ, ଅର୍ଜୁନ ବଜାଜ୍, ପିଙ୍କୁ ଦାସ, ଧୀରଜ ଅଗ୍ରଓାଲ, ସୌମ୍ୟ ରଞ୍ଜନ ଦାସ ପ୍ରମୁଖ ବନ୍ଦକୁ ସଫଳ କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ସେହିପରି ଜିଏସଟି ସରଳୀକରଣ ଓ ଇ କମର୍ସ ବାତିଲ ଦାବିରେ ୧୨ଘଣ୍ଟିଆ ଭାରତ ବନ୍ଦର ପ୍ରଭାବ ରାଉରକେଲା ସହରରେ ମଧ ଦେଖିବାକୁ ମିଳିଥିଲା । ସକାଳ ୬ଟାରୁ ସହରର ଦୋକାନ ବଜାର ସମେତ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବନ୍ଦ ରହିଥିଲା । ରାଉରକେଲା ବଣିକ ସଂଘର ସଭାପତି ପ୍ରବୀଣ ଗର୍ଗ, ସର୍ବଭାରତୀୟ ବ୍ୟବସାୟୀ ସଂଘର ବି.ଏମ. ଅଗ୍ରଓାଲ, ସୁବ୍ରତ ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ୟବସାୟୀମାନେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ସହରର ପ୍ରମୁଖ ବଜାର ପାନପୋଷ, ଉଦିତନଗର, ଡେଲିମାର୍କେଟ, ସେକ୍ଟର ୧୯ ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ,ଛେଣ୍ଡ ଭିଏସଏସ ମାର୍କେଟ, କଳିଙ୍ଗ ବିହାର, ସେକ୍ଟର ୧୮ ଟ୍ରାଫିକ ମାର୍କେଟ, ରାଉରକେଲାର ମୁଖ୍ୟ ମାର୍କେଟ ଆଦି ବନ୍ଦ ରହିଥିଲା। ଗାଡି ଚଳାଚଳ ସ୍ୱାଭାବିକ ରହିଥିଲା ବେଳେ ପେଟ୍ରୋଲ ପମ୍ପ, ଔଷଧ ଦୋକାନ, ସରକାରୀ ଅଫିସ୍, ବ୍ୟାଙ୍କ ଆଦି ଖୋଲା ରହିଥିଲା। ଏହାଛଡା ସୁନ୍ଦରଗଡ ଜିଲାର ଝାଡଖଣ୍ଡ–ଛତିଶଗଡ ସୀମାନ୍ତ ବାଲିଶଙ୍କରା ବ୍ଲକରେ ବି ଭାରତ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଏଠାରେ ଦୋକାନ ବଜାର ବନ୍ଦ ରହିଥିଲା।


ସୁନ୍ଦରଗଡ ବିଜୁ ଏକ୍ସପ୍ରେସ ୱେରେ ଯାନବାହନ ଅଟକି ରହିଛି।

## କୁତ୍ରାରେ ବନ୍ଦ ପାଳନ

**କୁତ୍ରା, ୨୬।୨ (ଡି.ଏନ.ଏ.):** ଭାରତ ବନ୍ଦ ଡାକରାର ପ୍ରଭାବ କୁତ୍ରାରେ ଦେଖିବାକୁ ମିଳିଛି। ଏଠାରେ ଥିବା ବଡ ବଡ ଦୋକାନଗୁଡିକ ସକାଳୁ ବନ୍ଦ ଥିବା ବେଳେ ଛୋଟ ଦୋକାନଗୁଡିକ ଖୋଲାଥିଲା । ସରକାରୀ କାର୍ଯ୍ୟାଳୟଗୁଡିକରେ ଉପସ୍ଥାନ କମ ଥିବା ବେଳେ ୧୦ ନମ୍ବର ରାଜ୍ୟ ରାଜପଥ ଉପରେ ଦୁଇ ଚକିଆ, ଚାରି ଚକିଆ, ଟ୍ରକ ଚାଲୁଥିଲା । ଯାତ୍ରୀବାହୀ ବସ ବନ୍ଦ ଥିଲା । ବ୍ୟାଙ୍କ ସେବା ପୂର୍ବାହ୍ନ ୧୦ଟା ପରେ ଆନ୍ଦୋଳନକାରୀ ବନ୍ଦ କରି ଦେଇଥିଲେ । କୌଣସି ଠାରେ ବ୍ୟବସାୟୀମାନେ ସଭା ସମିତିର ଆୟୋଜନ କରି ନ ଥିଲେ ।

**ସନ୍ଥ ହତ୍ୟାକାରୀଙ୍କ ଗିରଫ ଦାବି ତେଜିଲା**

ଅତାବିରା,(ଡି.ଏନ.ଏ): ଅତାବିରା ଥାନା ଶିବବାଲା ଯୋଗେଶ୍ୱରୀ ଆଶ୍ରମର ଦାମୋଦର ସଦା ବାବାଙ୍କ ହତ୍ୟା ରହସ୍ୟ ପର୍ଦ୍ଦାଫାଶ କରିବାକୁ ଦାବି ଜୋର୍ ଧରିଛି। ଏ ନେଇ ଅତାବିରା ଏନଏସି ଉପାଧ୍ୟକ୍ଷା ଜ୍ୟୋତିର୍ମୟୀ ଦାଶଙ୍କ ନେତୃତ୍ୱରେ ସିଦ୍ଧାର୍ଥ ଶଙ୍କର ପଣ୍ଡା, ରଘୁନାଥ ବାରିକ, ଜିତେନ୍ଦ୍ରୀୟ ଦାଶ ପ୍ରମୁଖ ଅତାବିରା ଥାନାରେ ଏକ ଦାବିପତ୍ର ଦେଇଛନ୍ତି। ଘଟଣାର ୫ଦିନ ବିତିଯାଇଥିଲେ ମଧ ପୋଲିସ ହତ୍ୟାକାରୀଙ୍କ ଟେର୍ ପାଇପାରିନି। ବରଗଡ ଏସ୍‌ପି ପଦ୍ମିନୀ ସାହୁଙ୍କ ସମେତ ଉଚ୍ଚପଦସ୍ଥ ପୋଲିସ ଅଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଚଳାଇଥିଲେ ମଧ ସୁଫଳ ମିଳିନାହିଁ।

## ଆଜି କ'ଣ କେଉଁଠି

ସମ୍ବଲପୁର
- ଓଡ଼ିଶା କନ୍‌କ୍ଲେଭ କାର୍ଯ୍ୟକ୍ରମ, ପାନ୍ଥନିବାସ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା।
- ଗନ୍ଧମାର୍ଦ୍ଦନ ସମସ୍ୟା ନେଇ ଖବରଦାତା ସମ୍ମିଳନୀ, ହୋଟେଲ ହରଜିଦ୍ ରେସିଡେନ୍ସି, ପୂର୍ବାହ୍ନ ୧୧ଟା।
- ହୀରାକୁଦ ଡ୍ୟାମ୍ ବିସ୍ଥାପିତ ସଂଗ୍ରାମ ସମିତି ବୈଠକ, ସାଂସ୍କୃତିକ ସମାଜ ଭବନ, ମଧାହ୍ନ ୧୨ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନ, ମୁଦିପଡ଼ା, ଅପରାହ୍ନ ୨ଟା।

## ସଂକ୍ଷେପରେ

### ଦେବଗଡ଼ରେ ଭାରତ ବନ୍ଦର ପ୍ରଭାବ

**ଦେବଗଡ଼,୨୬।୨(ଡ଼ି.ଏନ୍.ଏ.):** ଭାରତୀୟ ବ୍ୟବସାୟୀ ମହାସଂଘର ଡାକରାରେ ଦେବଗଡ ଜିଲା ବ୍ୟବସାୟୀ ସଂଘ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପାଳନ ପାଇଁ ଗୁରୁବାର ଜିଲା ବ୍ୟବସାୟୀ ସଂଘ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଥିଲା। ଶୁକ୍ରବାର ସକାଳୁ ବ୍ୟବସାୟୀମାନେ ନିଜର ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ବନ୍ଦ ରଖି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ପୂର୍ବାହ୍ନରେ ଜିଲା ବ୍ୟବସାୟୀ ସଂଘ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ବ୍ୟବସାୟୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ବ୍ୟବସାୟୀ ଗୋପାଳ ଅଗ୍ରୱାଲ, ସୁବାସ ଚନ୍ଦ୍ର ଭୋଇ, ପ୍ରଭାତ ସାହୁ ଓ ଶ୍ରବଣ ଅଗ୍ରୱାଲଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।

### ବ୍ରଜରାଜନଗରରେ ବନ୍ଦ ପାଳନ

**ବ୍ରଜରାଜନଗର, ୨୬।୨ (ଡି.ଏନ୍.ଏ.):** ବ୍ୟବସାୟୀ ସଂଘ ତରଫରୁ ଦିଆଯାଇଥିବା ବନ୍ଦର ପ୍ରଭାବ ବ୍ରଜରାଜନଗରରେ ଦେଖିବାକୁ ମିଳିଥିଲା। ପୌରାଞ୍ଚଳର ସମସ୍ତ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, କୋଇଲା ପରିବହନ ବନ୍ଦ ରହିଥିଲା। ଗାଡି ମୋଟର ମଧ ଚଳାଚଳ କରି ନ ଥିଲା। ସହରାଞ୍ଚଳର ପ୍ରତ୍ୟେକ ବର୍ଗର ଲୋକ ଏହି ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ ଜଣାଇଥିଲେ।

### ଥମୁନି ହାତୀ ଉପଦ୍ରବ

**ପଡିଆବାହାଲ,୨୬।୨(ଡି.ଏନ.ଏ.):** ଯମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ଅଞ୍ଚଳରେ ହାତୀ ଉପଦ୍ରବ ଥମିବା ନାଁ ନେଉନି। ଦୁଇଦିନ ତଳେ ଏକ ଦନ୍ତାହାତୀ ବଡକୁଣ୍ଡେଇସରା ପେଟ୍ରୋଲ ପମ୍ପ ନିକଟରେ ଥିବା ଶିବଲେନ ଗୁଡିଆଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଥିଲା। ଏହି ସମୟରେ କାଠ ଭାଙ୍ଗି ଆଲମିରା ଉପରେ ପଡିଥିଲା ଓ ଆଲମିରା ଘରେ ଶୋଇଥିବା ଶିବଲେନଙ୍କ ପୁଅ ମାଲସିଦ ଗୁଡିଆ (୨୫)ଙ୍କ ଉପରେ ପଡିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ଫରେଷ୍ଟର ଲେଖାରାଣୀ ମହାନନ୍ଦ ଓ ସହଯୋଗୀ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୁର୍ଲା ସ୍ଥାନାନ୍ତର କରିଛନ୍ତି। ପୂର୍ବରୁ ହାତୀଟି ଖରସନମାଲ ପଞ୍ଚାୟତ ସାହାଜବାହାଲ ଗାଁରେ ହରି ବରଗିଙ୍କ ପନିପରିବା ଚାଷ ଉଜାଡିଥିଲା। ସେହିପରି କୁଲୁଣ୍ଡି ପଞ୍ଚାୟତ ଗୌଡପାଲି ନିକଟ କନକଦୁର୍ଗା ମନ୍ଦିର ପାଖରେ ଥିବା ବଂଶୀଧର ସେଠ, ପ୍ରକାଶ ସାହୁ, ସଞ୍ଜୀବ ମେହେର, ହାବିଲ ସୋରେନ ପ୍ରମୁଖଙ୍କ ଦୋକାନ ଘର ମଧ ହାତୀ ଭାଙ୍ଗିଥିବା ସେମାନେ ଅଭିଯୋଗ କରିଛନ୍ତି। ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ଲୋକେ ହୋହଲ୍ଲା କରି ହାତୀକୁ ଘଉଡାଇ ସାରିଥିଲେ। ବନ ବିଭାଗ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଲଜ୍‌ରୁ ଏଟିଏମ୍ ଲୁଟେରା ଧରାପଡ଼ିଲେ

**ବଲାଙ୍ଗୀର ଅଫିସ, ୨୬।୨:** ବଲାଙ୍ଗୀର ସହର ମଧ୍ୟସ୍ଥଳରେ ଥିବା ଅଶୋକ ହୋଟେଲରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ଏଟିଏମ୍ ଲୁଟେରାଙ୍କୁ ଟାଉନ୍ ଥାନା ପୋଲିସ କାବୁ କରିଛି। ଏହି ବ୍ୟକ୍ତି କିଛିଦିନ ହେଲା ଏହି ହୋଟେଲକୁ ଆସି ରହୁଥିଲେ। ଗୁପ୍ତ ସୂଚନା ପାଇବା ପରେ ଟାଉନ୍ ଥାନା ପୋଲିସ ସମ୍ପୃକ୍ତ ଲୁଟେରାଙ୍କ ଗତିବିଧିକୁ ନଜର ରଖିଥିଲା। ଗୁରୁବାର ପୋଲିସ ଟିମ୍ ହୋଟେଲରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିଥିଲେ।

# ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ




ବନ୍ଦ ପାଳନରେ ସାମିଲ ହୋଇଥିବା କର୍ମକର୍ତ୍ତା।

**ସମ୍ବଲପୁର,୨୬।୨(ବ୍ୟୁରୋ)**

### ଜିଏସ୍‌ଟି ସରଳୀକରଣ ଦାବି

କେନ୍ଦ୍ର ସରକାରଙ୍କ ଏକ ରାଷ୍ଟ୍ର ଏକ ନୀତି ଲାଗୁ ହେବା ପରେ ବ୍ୟବସାୟୀମାନେ ଏହାକୁ ନେଇ ସମସ୍ୟା ଭୋଗୁଛନ୍ତି। ଜିଏସ୍‌ଟିରେ ଜଟିଳତା ଥିବାରୁ ସେମାନେ ବ୍ୟବସାୟ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଏସ୍‌ଟି ସରଳୀକରଣ ଦାବି ନେଇ ଶୁକ୍ରବାର ସମ୍ବଲପୁର ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। କନ୍‌ଫେଡେରେଶନ ଅଫ୍ ଅଲ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଆଇ) ଡାକରାକୁ ସମର୍ଥନକରି ସମ୍ବଲପୁର ଚାମ୍ବର ଅଫ୍ କମର୍ସ ଜିଲାରେ ବନ୍ଦ ପାଳନ କରିଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ଦୋକାନବଜାର ବନ୍ଦ ରହିଥିଲା। ଚାମ୍ବର ଅଫ୍ କମର୍ସ ସଭାପତି ଅରୁଣ ପଟୱାରୀ, ଅଧ୍ୟକ୍ଷ ଯଶବୀର ସିଂ ହୁରା, ସାଧାରଣ ସମ୍ପାଦକ ଧନଞ୍ଜିଭାଇ ପଟେଲ ପ୍ରମୁଖ ଉପସ୍ଥିତ ରହି ପିକେଟିଂ କରିଥିଲେ। ସରକାରୀ ଅଫିସ, କୋର୍ଟ, କଚେରି, ସ୍କୁଲ କଲେଜ ଭଳି କେତେକ ଅନୁଷ୍ଠାନକୁ କୋହଳ କରାଯାଇଥିଲା। ବନ୍ଦକୁ ଜିଲାବ୍ୟାପୀ ସମର୍ଥନ ମିଳିଥିବାରୁ ଚାମ୍ବର ଅଫ୍ କମର୍ସ ପକ୍ଷରୁ ସାଧୁବାଦ ଜଣାଯାଇଛି। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

### କୁଚିଣ୍ଡାରେ ଦୋକାନବଜାର ବନ୍ଦ

**କୁଚିଣ୍ଡା,୨୬।୨(ଡି.ଏନ୍.ଏ.)**

ଜିଏସ୍‌ଟି ସରଳୀକରଣ ଦାବିରେ ବ୍ୟବସାୟୀ ସଂଘ ଆହ୍ୱାନକ୍ରମେ କୁଚିଣ୍ଡାରେ ବନ୍ଦ ପାଳନ କରାଯାଇ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ଦୋକାନବଜାର ବନ୍ଦ ରହିଥିଲା। ଗାଡ଼ିମୋଟର ଚଳାଚଳ ବନ୍ଦ ଥିଲା। ସୁରକ୍ଷା ବ୍ୟବସ୍ଥା ପାଇଁ ଏସ୍‌ଡିପିଓ ରାଜକିଶୋର ମିଶ୍ର, ଥାନା ଆଇଆଇସି କମଳ କୁମାର ପଣ୍ଡାଙ୍କ ସହ ପୋଲିସ ଟିମ୍ ମୁତୟନ ହୋଇଥିଲା। ଯୁବ ବ୍ୟବସାୟୀ ମନୋଜ ସାହୁ, ଅଖିଳ ପ୍ରତାପ ସିଂ, କାର୍ତ୍ତିକ ମିସ୍ତ୍ରି, ଆନନ୍ଦ ଅଗ୍ରୱାଲ, ସଞ୍ଜୁ ଶର୍ମା, କୈଳାସ ଅଗ୍ରୱାଲ, ଗୁଲଠୁ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ ପ୍ରମୁଖ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ।

# ୧୨ ଦଫା ଦାବିରେ ବିଏସ୍‌ପିର ବିକ୍ଷୋଭ



ଜିଲାପାଳଙ୍କ ଅଫିସ ଆଗରେ ବିଏସ୍‌ପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ସମ୍ବଲପୁର, ୨୬।୨ (ବ୍ୟୁରୋ)**

ସମ୍ବଲପୁର ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ୧୨ ଦଫା ଦାବିରେ ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ସୌନ୍ଦର୍ଯ୍ୟକରଣ ଯୋଗୁ ବିସ୍ଥାପିତ ପରିବାରଙ୍କୁ ଥଇଥାନ, ସରକାରୀ ଜମିରେ ରହୁଥିବା ଗରିବଙ୍କୁ ଜମିପଟ୍ଟା ପ୍ରଦାନ, ଶ୍ରମିକ କାର୍ଡ ନବୀକରଣ କରିବା, ଉଚିତ ଲୋକଙ୍କୁ ଚିହ୍ନଟକରି ବାର୍ଦ୍ଧକ୍ୟ ଓ ବିଧବାଭତ୍ତା ପ୍ରଦାନ, ଉଠାଦୋକାନୀ, ପରିବା ବିକାଳିଙ୍କୁ ଥଇଥାନ, ଡ୍ରେନେଜ ବ୍ୟବସ୍ଥା ଅନ୍ୟତମ। ପରେ ଏ ସମ୍ପର୍କିତ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ବିଏସ୍‌ପି ରାଜ୍ୟ ସଭାପତି ଟଙ୍କଧର ବାଗ, ରାଜ୍ୟ ପ୍ରଭାରୀ ସୁବ୍ରତ ସାମଲ, ଚମ୍ପାବାଈ ଡୁଙ୍ଗୁରିଆ, ସମ୍ବଲପୁର ଓ ବଲାଙ୍ଗୀର ଜୋନ କୋଅର୍ଡିନେଟର ପ୍ରମୋଦ ଲୁହା, ସମ୍ବଲପୁର ଜୋନ ଇନ୍‌ଚାର୍ଜ ରଞ୍ଜନ ତନ୍ତୀ, ମହମ୍ମଦ ମୁସ୍ତାକିମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ସମ୍ବଲପୁର, ୨୬।୨ (ବ୍ୟୁରୋ)**

ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ସମ୍ବଲପୁର ଶାଖା ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନେ ଉଲ୍ଲେଖ କରିଛନ୍ତି ଯେ, ଦେଶକୁ ସୁରକ୍ଷିତ ରଖିବାକୁ ହେଲେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କଠୋର ଆଇନ ପ୍ରଣୟନ କରିବାକୁ ହେବ। ସମସ୍ତ ନାଗରିକ ଯେପରି ୨ଟି ସନ୍ତାନରେ ସୀମିତ ରହିବେ ସେ ନେଇ ସଚେତନ କରାଯିବା ଦରକାର। ୨ଟି ସନ୍ତାନରୁ ଅଧିକ ଥିଲେ ସରକାରୀ ସୁବିଧାରୁ ସେମାନଙ୍କୁ ବଞ୍ଚିତ କରାଯାଉ। ଜନସଂଖ୍ୟା ବୃଦ୍ଧି ଯୋଗୁ ଦେଶରେ ବେକାରୀ ସଂଖ୍ୟା ବୃଦ୍ଧି ପାଉଛି। ପ୍ରତି ମିନିଟରେ ପ୍ରାୟ ୫୦ ଶିଶୁ ଜନ୍ମ ଗ୍ରହଣ କରୁଛନ୍ତି। ସେମାନଙ୍କ ଲାଗି ପାନୀୟ ଜଳ, ଆବାସ ମିଳିବା କଷ୍ଟକର ହେବ। ଅପରାଧ, ଆତଙ୍କବାଦ, କୁପୋଷଣ ପ୍ରବଳ ମାତ୍ରାରେ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ଯୋଗାଇବା କୌଣସି ସରକାର ପକ୍ଷେ ଅସମ୍ଭବ ହୋଇପଡିବ। ଦେଶରେ ଗୃହ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେବ। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଜିଲା ସଭାପତି ମିଳନ ମହାରଣା, ସାଧାରଣ ସମ୍ପାଦକ ସୌମିକ ବାବୁ, ରାଜ୍ୟ ଉପସଭାପତି ଗୋବିନ୍ଦ ଅଗ୍ରୱାଲ, ଭାଜପା ମହିଳା ମୋର୍ଚ୍ଚା ସଭାପତି ଭାରତୀ ପଣ୍ଡା, ଡା. ରାଜକୁମାର ବଡପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳଙ୍କ ଅଫିସ ସମ୍ମୁଖରେ ଫାଉଣ୍ଡେଶନର କର୍ମକର୍ତ୍ତାମାନେ।

# ନ୍ୟାୟ ପାଇଁ ମା' ଓ ପୁଅ ଜିଲାପାଳଙ୍କ ଦ୍ୱାରସ୍ଥ

### ସରକାରୀ ଥଇଥାନ ଯୋଜନା ବାଟବଣା

**ବୌଦ୍ଧ,୨୬।୨(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ପରିବାର ସରକାରୀ ସୁବିଧା ପାଇବାକୁ ଯାଇ ଆର୍ଥିକ ଶୋଷଣର ଶିକାର ହୋଇଛନ୍ତି। ସମ୍ପୃକ୍ତ ମହିଳା ଜଣକ ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମନମୁଣ୍ଡା ଥାନା ଗୁଡଭେଲିପଦର ଗ୍ରାମର ହାଡିବନ୍ଧୁ ବାଘ ଗ୍ରାମସେବକ ଭାବରେ କାର୍ଯ୍ୟ କରୁଥିବା ବେଳେ ୨୦୧୬ ମାର୍ଚ୍ଚ ମାସ ୨୭ରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ତାଙ୍କ ସ୍ତ୍ରୀ ଶାନ୍ତିଲତା ସ୍ୱାମୀଙ୍କ ଗ୍ରାଚ୍ୟୁଇଟି ଟଙ୍କା, ରେଗୁଲାର ପେନସନ ଓ ଥଇଥାନ ଯୋଜନାରେ ସରକାରୀ ଚାକିରି ପାଇବା ଆଶାରେ ହରଭଙ୍ଗା ବିଡିଓ, ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ସଚିବାଳୟର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇ ନିରାଶ ହୋଇଥିଲେ। ଶେଷରେ ଜିଲା ପଞ୍ଚାୟତ କାର୍ଯ୍ୟାଳୟର ଜଣେ କିରାଣି ଓ ଜଣେ ପିଅନ ଏହି ଅସହାୟ ପରିବାରର ସମସ୍ତ କାମ କରାଇବା ପ୍ରତିଶ୍ରୁତି ଦେଇ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବିଭିନ୍ନ ସମୟରେ ନେଇଥିଲେ। ଥଇଥାନ ଯୋଜନାରେ ଚାକିରି ପାଇଁ ପୁଣି ଟଙ୍କା ଦେବାକୁ ଦାବି କରିବାରୁ ହାଡିବନ୍ଧୁଙ୍କ ପୁଅ ନୟନ ପ୍ରସାଦ ଗତ ୨୪ ତାରିଖରେ ଅତିରିକ୍ତ ଜିଲାପାଳଙ୍କୁ ଭେଟିଥିଲେ।ପରେ ସେମାନେ ଠକାମିର ଶିକାର ହୋଇଥିବା ଜାଣି ପାରିଥିଲେ। ନ୍ୟାୟ ପାଇଁ ଶାନ୍ତିଲତା ଓ ନୟନ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଟଙ୍କା ଫେରି ପାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# କେନ୍ଦୁଘାଟିରେ ସବୁରିନାରାୟଣଙ୍କ ମହୋତ୍ସବ



କେନ୍ଦୁଘାଟି ଗ୍ରାମରେ କଳସଯାତ୍ରା କରାଯାଉଛି।

**ସମ୍ବଲପୁର,୨୬।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କେନ୍ଦୁଘାଟିରେ ସବୁରିନାରାୟଣଙ୍କ ଚତୁର୍ଥ ବାର୍ଷିକ ପୂଜା ମହୋତ୍ସବ ଆରମ୍ଭ ହୋଇଛି। ୮୦ ବର୍ଗୀୟ ସହଁରା ସମାଜ ନେଉଳ ବାରୀ, କେନ୍ଦୁଘାଟି କମିଟି ସହଁରା ସମାଜ ଇଷ୍ଟଦେବତା ସବୁରିନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ସଂକୀର୍ତ୍ତନ, ଗୀତାପାଠ ସହ ସବୁରିନାରାୟଣଙ୍କ କିମ୍ବଦନ୍ତୀ ଉପରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ରାଜେନ୍ଦ୍ର ଭୋଇ ଓ ସହଧର୍ମୀ ଝରଣା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଲକ୍ଷ୍ମୀନାରାୟଣ ବେହେରା ପୂଜାର୍ଚ୍ଚନା କରିଥିଲେ। ୫୪ ଖଣ୍ଡ ଗ୍ରାମର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଆଗାମୀ ଦିନରେ ସବୁରିନାରାୟଣ ମହାପ୍ରଭୁଙ୍କ ପୀଠ ନିର୍ମାଣ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅନିରୁଦ୍ଧ ଭୋଇ, ବିନୋଦ କୁମାର ଭୋଇ, ଶ୍ରୀମତ ବେହେରା, ଅଶୋକ କୁମାର ଭୋଇ, କୋଷାଧ୍ୟକ୍ଷ ସୁଶୀଲ କୁମାର ଭୋଇ ସହଯୋଗ କରିଥିଲେ।

# ଭିସୁଟ୍ ଛାତ୍ରୀଛାତ୍ରଙ୍କ ସଫଳତା



ବୁର୍ଲା ଭିସୁଟ୍ ଛାତ୍ରୀଛାତ୍ର।

**ସମ୍ବଲପୁର, ୨୬।୨ (ବ୍ୟୁରୋ)**

ସମ୍ବଲପୁରର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଛାତ୍ରୀଛାତ୍ରଙ୍କୁ ଆଉ ଏକ ସଫଳତା ମିଳିଛି। ସେମାନେ ଏଆଇସିଟିଇ-ଏନ୍‌ଆଇସି ପକ୍ଷରୁ ଅନ୍‌ଲାଇନ ପ୍ରତିଯୋଗିତାରେ ଭାଗ ନେଇ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇଛନ୍ତି। ଲୁଣିଆପାଣି ବିଶୋଧନକରି ଲୁଣ ବାହାର କରିବାର ଏକ ସରଳ ମାଧ୍ୟମ ଉପରେ ପ୍ରକଳ୍ପ ଉପସ୍ଥାପନା କରିଥିଲେ। ଆଗକୁ ଏହି ଆର୍ଥିକ ରାଶି ଗବେଷଣାରେ ସହାୟକ ହେବା ସହ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି ଘଟାଇବ। ଏହି ପ୍ରକଳ୍ପକୁ ପୂର୍ବରୁ ଛାତ୍ରୀଛାତ୍ର କଲେଜରେ ପରୀକ୍ଷା କରିଥିଲେ। ଭିସୁଟ୍ ସହ ଭାରତର ବିଭିନ୍ନ କଲେଜର ଛାତ୍ରୀଛାତ୍ର ଅନ୍‌ଲାଇନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷବର୍ଷ ଛାତ୍ରୀଛାତ୍ର ମହମ୍ମଦ ଜିସାନ୍, ଯୁଶରାଜ ପଣ୍ଡା, ବିଜୟ ଭାସ୍କର ହୋତା, ସୌରଭ ସିଂ, ସ୍ୱାତୀ ରାଉତ, ସୌମ୍ୟାସୁଚିତ୍ରା ନାୟକଙ୍କ ପ୍ରଚେଷ୍ଟାରେ ଏହି ପ୍ରକଳ୍ପ କରିଥିଲେ।

# ଧାନକିଣା ସମସ୍ୟା ନେଇ ରାଜ୍ୟପାଳଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୨୬।୨**

ବଲାଙ୍ଗୀର ଜିଲାର ଧାନକିଣା ସମସ୍ୟା ଓ ଦୁର୍ନୀତିକୁ ନେଇ ଜିଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତବର୍ଷ ଧାନକିଣା ସମୟରେ ଟୋକନ ସମସ୍ୟା, ଧାନର ଅଭାବୀ ବିକ୍ରି, କୁଇଣ୍ଟାଲ ପିଛା ୧୦ କେଜି ଲେଖାଏଁ କଟନୀ ଏବଂ କୋଟି ଟଙ୍କା ଦୁର୍ନୀତିକୁ ନେଇ ରାଜ୍ୟପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାରେ ଚଳିତବର୍ଷ ବମ୍ପର ଧାନ ଅମଳ ହୋଇଥିଲା। କିନ୍ତୁ ଏକର ପିଛା ମାତ୍ର ୧୩ କୁଇଣ୍ଟାଲ ଲେଖାଏଁ ଧାନ କିଣିବା ପାଇଁ ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ବହୁ ଚାଷୀଙ୍କ ସହସ୍ରାଧିକ କୁଇଣ୍ଟାଲ ଧାନ ଚାଷୀଙ୍କ ପାଖରେ ପଡିରହିଛି। ଟାର୍ଗେଟ ଅନୁଯାୟୀ ଟୋକନ ପ୍ରଦାନରେ ମଧ ଅନିୟମିତା, ମିଲର-ପ୍ରଶାସନ ଓ ସରକାରଙ୍କ ଅସାଧୁ ମେଣ୍ଟ ଯୋଗୁଁ ଚାଷୀ ଅସୁବିଧାରେ ପଡିଥିବା ଅଭିଯୋଗ କରିଛନ୍ତି। ଜିଲା କିଷାନ କଂଗ୍ରେସ ଅଧ୍ୟକ୍ଷ ମିଶ୍ର ଜିଲାର ମଣ୍ଡିରେ ପଡିଥିବା ସମସ୍ତ ଧାନ, ଚାଷୀଙ୍କ ପାଖରେ ଥିବା ବଳକା ଧାନ, କଟ୍‌ନୀ ବନ୍ଦ କରିବା, ପ୍ରତି ଅଖାର ମୂଲ୍ୟ ଓ ପରିବହନ ଖର୍ଚ୍ଚ ଚାଷୀଙ୍କୁ ପ୍ରଦାନ କରିବା, ଧାରା ୧୩ ଏଫ୍‌ସିଆଇ ଆକ୍ଟ ଅନୁଯାୟୀ ଚାଷୀଙ୍କ ଧାନ ସିଧାସଳଖ ଏଫ୍‌ସିଆଇ କିଣିବା, ଜିଲା ସଂଗ୍ରହ କମିଟିକୁ ପୁନଃ କାର୍ଯ୍ୟକ୍ଷମ କରିବା ତଥା ଛତିଶଗଡ ସରକାରଙ୍କ ଭଳି ଓଡିଶା ସରକାର ମଧ ଚାଷୀଙ୍କୁ ୫୦୦ ଟଙ୍କାର ବୋନସ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ସାମାଜିକ ବାସନ୍ଦ, ୨ ପରିବାର ହଟହଟା

**ବାଉଁଶୁଣୀ,୨୬।୨(ଡି.ଏନ.ଏ.)**

### ହଜିଯାଉଛି ମାନବିକତା

- ଅନ୍ତିମ ସଂସ୍କାର ପାଇଁ କାନ୍ଧ ମିଳିଲାନି

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଞ୍ଚଳରେ ଘଟିଥିବା ଦୁଇଟି ବାସନ୍ଦ ଘଟଣାର କରୁଣ ପରିଣତି ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସାମାଜିକ ବାସନ୍ଦ ଯୋଗୁ କଣ୍ଟାମାଳ ବ୍ଲକ ଖମନମୁଣ୍ଡା ଗ୍ରାମ ପଞ୍ଚାୟତ ଗୁନୁଚିତୋରା ଗ୍ରାମର ପଦ୍ମକେଶୀ ପୁଟା (୫୫)ଙ୍କ ମୃତଦେହକୁ ଶ୍ମଶାନ ଯାଏ ନେବାକୁ ଚାରିକାନ୍ଧ ମିଳିଲା ନାହିଁ। ଜାତି ଭାଇ କିମ୍ବା ଗ୍ରାମବାସୀ ସହଯୋଗ ନିମନ୍ତେ ନ ଆସିବାରୁ ପୁଅ ପ୍ରସନ୍ନ ନିଜେ ମାଆଙ୍କ ମୃତଦେହକୁ ଶ୍ମଶାନ ପର୍ଯ୍ୟନ୍ତ ନେଇ ଦାହ କରିଥିବା ଜଣାପଡିଛି। ଗୁରୁବାର ଏହି ଅଭାବନୀୟ ଘଟଣା ଘଟିଛି। ସେହିପରି କଣ୍ଟାମାଳ ବ୍ଲକ ଗୁଡଭେଲିପଦର ଗ୍ରାମ ପଞ୍ଚାୟତ ଡଙ୍ଗାଖୋଲ ଗ୍ରାମର ଉମେଶ ମହାକୁଡଙ୍କ ଏକ ମାତ୍ର ଝିଅ ପ୍ରେମ କରି ଅନ୍ୟ ଜାତିରେ ବିବାହ କରିଥିଲେ। ସେଥିପାଇଁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ଗୁରୁବାର ଉମେଶଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ତିମ ସଂସ୍କାର ପାଇଁ ଜାତି ଭାଇ କି ଗ୍ରାମବାସୀ ସହଯୋଗ କରି ନ ଥିଲେ। ଉମେଶଙ୍କ ସ୍ତ୍ରୀ ମୃତଦେହକୁ ଶ୍ମଶାନକୁ ନେବା ପାଇଁ ଯେତେ ନେହୁରା ହେଲେ ମଧ କେହି ଶୁଣି ନ ଥିଲେ। ଫଳରେ ଜ୍ୱାଇଁ ଓ ଝିଅ ଆସି ମୃତଦେହ ନେଇ ବିଲ ହୁଡାରେ ପୋତି ଦେଇଥିଲେ। କେବଳ କଣ୍ଟାମାଳ ବ୍ଲକ ନୁହେଁ, ଚଳିତ ମାସରେ ହରଭଙ୍ଗା ବ୍ଲକ ବାମଣ୍ଡା ଗ୍ରାମ ପଞ୍ଚାୟତର ଏକ ଗ୍ରାମରେ ମଧ ଏଭଳି ଅଭାବନୀୟ ଘଟଣା ଘଟିଥିବା ନଜରକୁ ଆସିଥିଲା। ଏହି ଜିଲାର ଅନେକ ସ୍ଥାନରେ ଗାଁ କିମ୍ବା ଜାତିରୁ ବାସନ୍ଦ ହୋଇ କେତେକ ପରିବାର ଜନ୍ମ, ବିବାହ, ମୃତ୍ୟୁ ଆଦି ସାମାଜିକ କାର୍ଯ୍ୟ ବେଳେ ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଥିବା ଦେଖିବାକୁ ମିଳୁଛି। ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ଏପରି ଘଟୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ଜନ ଅସନ୍ତୋଷର କାରଣ ହୋଇଛି।

# କୋଲକାତାରୁ ଷ୍ଟକିଷ୍ଟ ଦିନେଶ ଗିରଫ

**ବ୍ରହ୍ମପୁର ଅଫିସ,୨୬।୨**

ଆଇପିଏଲ୍ ଆରମ୍ଭ ପୂର୍ବରୁ ବ୍ରହ୍ମପୁର ପୋଲିସ ହାତରେ ଧରା ପଡିଛନ୍ତି ଜଣେ ବେଟିଂ ସିଣ୍ଡିକେଟ ଷ୍ଟକିଷ୍ଟ ଦିନେଶ କୁମାର ରାଠି। କୋଲକାତାରେ ରହି ଓଡ଼ିଶାରେ ବେଟିଂ କାରବାର ଅପରେଟ୍ କରୁଥିବା ଦିନେଶଙ୍କୁ ବ୍ରହ୍ମପୁର ପୋଲିସ ଗିରଫ କରିଛି। ଗୋଷାଣିନୂଆଗାଁ ଥାନା କେସ୍ ନମ୍ବର ୧୪୧/୨୦ରେ ଶୁକ୍ରବାର ଦିନେଶଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ପିନାକ ମିଶ୍ର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ ଦିନେଶଙ୍କ ନିକଟରୁ ଏକ ଲାପ୍‌ଟପ୍, ମୋବାଇଲ୍ ସିମ୍‌କାର୍ଡ ଜବତ କରିଛି। ସେହିପରି ତାଙ୍କ ନାମରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୭୨ଲକ୍ଷ ୯୬ହଜାର ଟଙ୍କା ସିଜ୍ କରାଯାଇଛି। ଗୋଷାଣିନୂଆଗାଁ ପୋଲିସ ପକ୍ଷରୁ ଦିନେଶଙ୍କୁ ୩ଦିନିଆ ରିମାଣ୍ଡରେ ନେବା ପାଇଁ ଏସ୍‌ଡିଜେଏମ୍‌ଙ୍କ ନିକଟରେ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି ଏସ୍‌ଡିଜେଏମ୍ ଅଭିଯୁକ୍ତ ଦିନେଶଙ୍କୁ ଶନିବାରଠାରୁ ୨ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିବା ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଆଇପିଏଲ୍ ବେଟିଂ କାରବାର ଧରିବାକୁ ବ୍ରହ୍ମପୁର ଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଗତ ଅକ୍ଟୋବର ୨୯ରେ ଆଇପିଏଲ୍ ର୍ୟାକେଟର କିଙ୍ଗ୍‌ପିନ୍ କୁହାଯାଉଥିବା ଆର୍. ଲାଲି ଆଚାରୀ ଓ ସହଯୋଗୀ କେ.ପ୍ରଶାନ୍ତ ସୁବୁଦ୍ଧିଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ନିକଟରୁ ୩୩ ଲକ୍ଷ ୬୧ ହଜାର ୨୦୦ ଟଙ୍କା, ୪ ମୋବାଇଲ୍ ଫୋନ୍ ଏବଂ ୩ ଏଟିଏମ୍ କାର୍ଡ ଜବତ ହୋଇଥିଲା। ଏମାନଙ୍କ ବୟାନକୁ ଆଧାର କରି ପୋଲିସ ତା'ର ତଦନ୍ତ ଜାରି ରଖିଥିଲା। ଲାଲିଙ୍କ ଲିଙ୍କ୍ କୋଲକାତା, ମୁମ୍ବାଇ, ଦୁବାଇ ପର୍ଯ୍ୟନ୍ତ ରହିଥିବା ଜଣାପଡ଼ିଥିଲା। ପରେ ଅନ୍ୟତମ ବୁକି ବିଶାଲ ଅଗ୍ରୱାଲ, ଅଜୟ କୁମାର ପଣ୍ଡା, ସଞ୍ଜିତ କୁମାର ବେହେରା ଓ ସହଯୋଗୀ ଅଜିତ ବରାଡ଼ଙ୍କୁ ପୋଲିସ ଗିରଫ କରିଥିଲା। ବ୍ରହ୍ମପୁରରେ ଧରାପଡ଼ିଥିବା ଏହି ବୁକିମାନେ କୋଲକାତାର ଜଣେ ଷ୍ଟକିଷ୍ଟ ଅଧୀନରେ କାମ କରୁଥିବା ଜଣାପଡ଼ିଥିଲା। ପୋଲିସ ଦିନେଶଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଗୋଷାଣିନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ୍ ଓ ସାଇବର ସେଲ୍‌ର ଇନ୍ସପେକ୍ଟର ଅକ୍ଷୟ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ କୋଲକାତା ପୋସ୍ତା ଥାନା ଅନ୍ତର୍ଗତ ଶୋଭାରାମ ଷ୍ଟ୍ରିଟ୍‌ରେ ରହୁଥିବା ଷ୍ଟକିଷ୍ଟ ଦିନେଶଙ୍କୁ ଗିରଫ କରିଥିଲା।



ଆଇପିଏଲ୍ ଷ୍ଟକିଷ୍ଟ ଦିନେଶ।

### ଆଇପିଏଲ୍ ପୂର୍ବରୁ ବେଟିଂ

- ୭୨.୯୬ ଲକ୍ଷର ବ୍ୟାଙ୍କ ଆକାଉଣ୍ଟ ସିଜ୍
- ଆଜିଠୁ ୨ଦିନିଆ ରିମାଣ୍ଡରେ ନେବ ପୋଲିସ

## ସନ୍ଥ ହତ୍ୟାକାରୀଙ୍କ ଗିରଫ ଦାବି ତେଜିଲା

ଅତାବିରା,(ଡି.ଏନ.ଏ): ଅତାବିରା ଥାନା ଶିବବାଲା ଯୋଗେଶ୍ୱରୀ ଆଶ୍ରମର ଦାମୋଦର ସଦା ବାବାଙ୍କ ହତ୍ୟା ରହସ୍ୟ ପର୍ଦ୍ଦାଫାଶ କରିବାକୁ ଦାବି ଜୋର୍ ଧରିଛି। ଏ ନେଇ ଅତାବିରା ଏନଏସି ଉପାଧକ୍ଷା ଜ୍ୟୋତିର୍ମୟୀ ଦାଶଙ୍କ ନେତୃତ୍ୱରେ ସିଦ୍ଧାର୍ଥ ଶଙ୍କର ପଣ୍ଡା, ରଘୁନାଥ ବାରିକ, ଜିତେନ୍ଦ୍ରୀୟ ଦାଶ ପ୍ରମୁଖ ଅତାବିରା ଥାନାରେ ଏକ ଦାବିପତ୍ର ଦେଇଛନ୍ତି। ଘଟଣାର ୫ଦିନ ବିତିଯାଇଥିଲେ ମଧ ପୋଲିସ ହତ୍ୟାକାରୀଙ୍କ ଟେର୍ ପାଇପାରିନି। ବରଗଡ ଏସ୍‌ପି ପଦ୍ମିନୀ ସାହୁଙ୍କ ସମେତ ଉଚ୍ଚପଦସ୍ଥ ପୋଲିସ ଅଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଚଳାଇଥିଲେ ମଧ ସୁଫଳ ମିଳିନାହିଁ।

# ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ



ଭବାନୀପାଟଣା ସହର ।

ଭବାନୀପାଟଣା, ୨୬।୨ (ଡି.ଏନ.ଏ.)

 କଳାହାଣ୍ଡି ଜିଲା ଭବାନୀପାଟଣା ପୌରାଞ୍ଚଳରେ ଏବଠୁ ଦେଖାଦେଲାଣି ଜଳ କଷ୍ଟ। ଆଗକୁ ଆସୁଛି ଗ୍ରୀଷ୍ମ। ପ୍ରତିବର୍ଷ ସହରର ତାପମାତ୍ରା ୪୦ ଡିଗ୍ରୀକୁ ଟପିବା ନଜିର ରହିଛି। ଏବଠୁ ନିଅଣ୍ଟିଆ ଜଳଯୋଗାଗଣ ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଭବାନୀପାଟଣା ପୌର ପରିଷଦ ଅଧୀନରେ ରହିଛି ୨୦ଟି ୱାର୍ଡ। ୨୦୧୧ ଜନଗଣନା ଅନୁସରେ ପ୍ରାୟ ୬୯ ହଜାର ଲୋକ ଏଠାରେ ବାସ କରୁଛନ୍ତି। ଗତ ୧୦ ବର୍ଷରେ ଜନସଂଖ୍ୟା ଲକ୍ଷେ ଟପି ସାରିଛି। ସହରାଞ୍ଚଳରେ ପିଏଚ୍‌ଡିରୁ ଦୈନିକ ମାତ୍ର ୪୦ ଲକ୍ଷ ୨୦ ହଜାର ଲିଟର ପାନୀୟ ଜଳଯୋଗାଗଣ ହେଉଛି। ଯାହାକି ଲକ୍ଷେରୁ ଉର୍ଦ୍ଧ୍ୱ

- ୨୦ ୱାର୍ଡକୁ ମିଳୁଛି ୪୦.୨୦ ଲକ୍ଷ ଲିଟର ପାଣି
- ଆବଶ୍ୟକତାଠାରୁ ଜଳଯୋଗାଣ ମାତ୍ର ୩୫ %

ସହରବାସୀଙ୍କ ପାଇଁ ସମୁଦ୍ରକୁ ସଙ୍ଖେ। ଦୈନିକ ଜିଲା ଓ ଜିଲା ବାହାରୁ ହଜାର ସଂଖ୍ୟାରେ ଲୋକେ ଭବାନୀପାଟଣା ଆସୁଛନ୍ତି। ସହରରେ ପାନୀୟ ଜଳ ଯୋଗାଣର ଯେତିକି ଆବଶ୍ୟକତା ରହୁଛି ତାହାଠାରୁ ଜଳଯୋଗାଣ ମାତ୍ର ୩୫ % ହୋଇପାରୁଛି। ଜଣକ ପିଛା ଯଦି ଶହେ ଲିଟର ବି ଯଦି ଆକଳନ କରାଯାଏ ତେବେ ସହର ପାଇଁ ଦୈନିକ କୋଟିଏ ଲିଟର ପାନୀୟ ଜଳ ଦରକାର ପଡୁଛି। ଫଳରେ ବିଭିନ୍ନ ୱାର୍ଡରେ ଏକାଧିକ ପଡାକୁ ପାନୀୟ ଜଳ ପହଞ୍ଚି ମଧ ପାରୁନାହିଁ। ଅପରପକ୍ଷେ ଭବାନୀପାଟଣା ପୌରାଞ୍ଚଳ ମଧ୍ୟରେ ୫୦୫ଟି ବୋରୱେଲ ରହିଛି। ସେଥିରୁ ବର୍ତ୍ତମାନ ପ୍ରାୟ ଶହେଟି ବିଭିନ୍ନ କାରଣରୁ ପ୍ରାୟତଃ ଅଚଳ ରହୁଛି। କିଛି ବୋରୱେଲରୁ କଠିନ ଧାତୁ ମିଶ୍ରିତ ପାଣି ବାହରୁଥିବାରୁ ଲୋକେ ତାହା ଖାଦ୍ୟପାନୀୟରେ ଗ୍ରହଣ କରୁନାହାନ୍ତି। ବହୁ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ମଧ ଅକାମୀ ହୋଇ ରହିଛି। ଯେଉଁ ଷ୍ଟାଣ୍ଡପୋଷ୍ଟଗୁଡିକ କାର୍ଯ୍ୟ କରୁଛି ସେଠାରେ ଜଳଯୋଗାଣ ବେଳକୁ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ବର୍ତ୍ତମାନ ସ୍ଥିତିରେ ଯଦି ପୌରାଞ୍ଚଳରେ ଜଳଯୋଗାଣ ବ୍ୟବସ୍ଥାରେ ସୁଧାର ଅଣା ନ ଯାଏ ତେବେ ମାର୍ଚ୍ଚ ଗ୍ରୀଷ୍ମ ବେଳେ ଲୋକେ ନାହିଁ ନ ଥିବା ଜଳକଷ୍ଟ ଭୋଗିବା ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ ।

### ସେମାନେ ଯାହା କୁହନ୍ତି...



“ ଆଗାମୀ ଗ୍ରୀଷ୍ମରେ ପ୍ରଚଣ୍ଡ ଖରା ସାଙ୍ଗକୁ ବିଦ୍ୟୁତ୍‌କାଟ ବଡ ସମସ୍ୟା ଦେଖାଦେବା ସମ୍ଭାବନା ରହିଛି। ତେଣୁ ସହରବାସୀଙ୍କୁ ପିଇବା ପାଣି ସମସ୍ୟା ଦେଖାଦେବ। ପ୍ରଶାସନ ବର୍ତ୍ତମାନଠାରୁ ଆଗାମୀ ଖରା ମାସ ପାଇଁ ପାଣି ସମସ୍ୟା ଯେପରି ଦେଖା ନ ଦେବ ସେଥିପାଇଁ ଦୃଷ୍ଟି ଦେବା ଜରୁରୀ।

ଭରତ ଭୋଇ, ପାଲସିପଡା



“ ଭବାନୀପାଟଣାରେ ପିଇବା ପାଣି ସମସ୍ୟା ସବୁବେଳେ ଲାଗି ରହିଛି। ଏହାର ସମାଧାନ ସ୍ଥାୟୀ ଭାବେ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ପୁଣି ଆଗକୁ ଖରା ମାସ ଆସୁଛି। ଏହି ଅବସ୍ଥା ଆହୁରି ଗୁରୁତର ହେବାର ସମ୍ଭାବନା ରହିଛି। ପୌର ପରିଷଦ ଓ ପିଏଚ୍‌ଡି ସହରବାସୀଙ୍କ ପାଇଁ ୨୪ ଘଣ୍ଟିଆ ପାଣି ଯୋଗାଇବା ଜରୁରୀ।

ଅକୃର ମାଝି, ରାମସାଗରପଡ଼ା



“ ସହରର ବହୁ ଅଞ୍ଚଳକୁ ଆଜି ମଧ ପାଇପ ପାଣି ଯିବା ସମ୍ଭବପର ହେଉ ନ ଥିବା ବେଳେ ବହୁ ସ୍ଥାନରେ ବୋରୱେଲ ମଧ ଖରାପ ହୋଇଛି। ତୁରନ୍ତ ପ୍ରଶାସନ ବର୍ତ୍ତମାନଠାରୁ ସମାଧାନ କରିବା ଜରୁରୀ। ନ ହେଲେ ଖରା ଦିନରେ ଅବସ୍ଥା ଶୋଚନୀୟ ହେବ।

ଅନୁକୂଳ ସାହାଣି, ଭବାନୀପାଟଣା



“ କେତେବେଳେ ଲୋଭୋଲଟେଜ ଯୋଗୁ ପାଣି ଯୋଗାଣରେ ବ୍ୟାଘାତ ସୃଷ୍ଟି ହେଉଥିବା ବେଳେ କେତେବେଳେ ବିଦ୍ୟୁତ୍ ନ ଥିବାରୁ ପାଣି ଯୋଗାଣ ବାଧା ସୃଷ୍ଟି ହେଉଛି। ଆସନ୍ତା ଖରା ଦିନରେ ପିଇବା ପାଣି ଯୋଗାଇ ଦେବା ପାଇଁ ବର୍ତ୍ତମାନଠାରୁ ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ।

ଅକ୍ଷୟ ଦୁର୍ଗା, କୁଲିଆମାଲ



“ ଖରା ଦିନରେ ପାଣି ଯୋଗାଣ ଅନ୍ୟ ମାସ ଅପେକ୍ଷା କମିଯାଇଥାଏ। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ବିଶେଷ କରି ଜନଗହଳି ସ୍ଥାନରେ ଲୋକମାନେ ପିଇବା ପାଣି ମୁନ୍ଦାଏ ପାଇଁ ତହଲବିକଳ ହୋଇଥାନ୍ତି। ଏହାର ମୁକାବିଲା କରିବା ଜରୁରୀ।

ଅଶ୍ୱିନ କୁମାର ମାଝି, ଭବାନୀପାଟଣା

## ସଂକ୍ଷେପରେ

### ଲଜ୍‌ରୁ ଏଟିଏମ୍ ଲୁଟେରା ଧରାପଡ଼ିଲେ

ବଲାଙ୍ଗୀର ଅଫିସ, ୨୬।୨: ବଲାଙ୍ଗୀର ସହର ମଧ୍ୟସ୍ଥଳରେ ଥିବା ଅଶୋକ ହୋଟେଲରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ଏଟିଏମ୍ ଲୁଟେରାଙ୍କୁ ଟାଉନ୍ ଥାନା ପୋଲିସ କାବୁ କରିଛି । ଏହି ବ୍ୟକ୍ତି କିଛିଦିନ ହେଲା ଏହି ହୋଟେଲକୁ ଆସି ରହୁଥିଲେ । ଗୁପ୍ତ ସୂଚନା ପାଇବା ପରେ ଟାଉନ୍ ଥାନା ପୋଲିସ ସମ୍ପୃକ୍ତ ଲୁଟେରାଙ୍କ ଗତିବିଧିକୁ ନଜର ରଖିଥିଲା। ଗୁରୁବାର ପୋଲିସ ଟିମ୍ ହୋଟେଲରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିଥିଲେ। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖରୁ ଅନେକଗୁଡିଏ ଏଟିଏମ୍ କାର୍ଡ, ମନିପର୍ସ ଓ ଅନ୍ୟାନ୍ୟ ସନ୍ଦିଗ୍ଧ ଜିନିଷ ଜବତ୍ କରିଥିବା ଜଣାପଡିଛି। ବ୍ୟକ୍ତି ଜଣକ ଏଟିଏମ୍ ଲୁଟେରା ବୋଲି କୁହାଯାଉଛି। ତାଙ୍କ ସହ ଆଉ କିଏ ସହଯୋଗୀ ଅଛନ୍ତି କି ନାହିଁ ଜଣାପଡିନାହିଁ। ଏହି ସନ୍ଦିଗ୍ଧଙ୍କୁ ଧରିଥିଲେ ମଧ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଏସପି ନିତିନ କୁଶଲକରଙ୍କୁ ପଚରାଯିବାରୁ ତଦନ୍ତ ଚାଲିଛି, ଏ ନେଇ ଶନିବାର ସୂଚନା ଦିଆଯିବ ବୋଲି କହିଛନ୍ତି ।

### ଇଂଲିଶ ଅଧାପକ ନିଯୁକ୍ତି, ଫି ଫେରସ୍ତ ଦାବି

ଲାଠୋର, ୨୬।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟରେ ଇଂଲିଶ ବିଭାଗ ଅଧାପକ ପଦବୀ ଖାଲି ପଡିଛି। ଏଥିଯୋଗୁ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଥିସହ କରୋନା ମହାମାରୀ ଯୋଗୁ ଅଭିଭାବକମାନଙ୍କର ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ବେଳେ ପିଲାଙ୍କଠାରୁ ୫ରୁ ୭ହଜାର ଟଙ୍କା ଲେଖାଏ ଫି ଆଦାୟ କରାଯାଇଛି। ଅଧାପକ ନିଯୁକ୍ତି ଓ ଫି ଫେରସ୍ତ ଦାବିରେ ସ୍ଥାନୀୟ ଲୋକେ ପାଟଣାଗଡ଼ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କ ଜରିଆରେ ଏକ ଦାବିପତ୍ର ପ୍ରେରଣ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବର୍ତ୍ତମାନ +୨ ଦ୍ୱିତୀୟ ବର୍ଷ କଳା ଏବଂ ବାଣିଜ୍ୟ ବିଭାଗରେ ୨୧୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଗତ ୧୧ମାସ ହେବ ଇଂଲିଶ ବିଭାଗ ଅଧାପକ ପଦବୀ ଖାଲି ପଡ଼ିଛି। ପରୀକ୍ଷା ଆସି ପିଲାଙ୍କ ମୁଣ୍ଡ ଉପରେ ରହିଥିବା ବେଳେ ବର୍ତ୍ତମାନ ଯାଏ ଅଧାପକ ନିଯୁକ୍ତ ହୋଇନାହିଁ। ଅପରପକ୍ଷରେ ପିଲାଙ୍କଠାରୁ ଫି ଆଦାୟ ଅଭିଭାବକଙ୍କୁ କଷ୍ଟ ଦେଉଛି। କୌଣସି ଉପାୟ ନ ପାଇ ସେମାନେ ପିଲାଙ୍କ ଫର୍ମ ଫିଲପ କରୁଛନ୍ତି। ଏନେଇ ବିଦ୍ୟାଳୟ ଅଧକ୍ଷ ଡ଼ ନାରାୟଣ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

### ବିଶ୍ୱଶାନ୍ତି ବୈଦିକ ଯଜ୍ଞ

ପଦ୍ମପୁର, ୨୬।୨ (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡ ସିଦ୍ଧଗୁରୁ ଯୋଗସାଧନା ପୀଠ ବାବୁପାଲିରେ ବିଶ୍ୱଶାନ୍ତି ବୈଦିକ ଯଜ୍ଞ ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଦୂଷିତ ସାମାଜିକ ପରିବେଶକୁ ବିଶୁଦ୍ଧ କରିବା ପାଇଁ ଯଜ୍ଞ ଏକ ପ୍ରକୃଷ୍ଟ ମାଧମ। ଯଜ୍ଞ ଦ୍ୱାରା ମାନସିକ ଶାନ୍ତି ମିଳିଥାଏ। କଂଗ୍ରେସ ସାହୁ ଓ ସୁରେଶ୍ୱର ଭୋଇଙ୍କ ପୌରୋହିତ୍ୟରେ ଯଜ୍ଞ ସମ୍ପାଦିତ ହୋଇଛି । ସତ୍ୟ ମେହେର ଓ ଲେକୁ ମେହେର ସପତ୍ନୀକ ପୂଜାକର୍ତ୍ତା ଥିଲେ। ଦୟାସାଗର ପ୍ରଧାନ ଓ ବାବୁପାଲି ଗ୍ରାମବାସୀ ସହଯୋଗ କରିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ସରଣ୍ଡା,୨୬।୨( ଡି.ଏନ.ଏ ): ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଚକୁଳି ଫାର୍ମ



ଭୋଇଟିକ୍ରା ଗ୍ରାମର ମୂଳ ନିବାସୀ ତଥା ଅବସରପ୍ରାପ୍ତ ଶିକ୍ଷକ ସିଦ୍ଧେଶର ଭୋଇଙ୍କ ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଭୋଇ ୧୯୬୩ ମସିହାରେ ଗୋଡ଼ଭଗା ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ସେ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ୧୯୭୨ ଫେବୃୟାରୀ ୧୪ରେ ଇଚ୍ଛାଧୀନ ଅବସର ନେଇଥିଲେ। ସେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ପରଲୋକ ଖବର ପାଇ ଧନକଉଡା ବ୍ଲକ ଉପାଧକ୍ଷା ସୁଷମା ସାହୁ, ଗୋଡ଼ଭଗା ସରସ୍ୱତୀ ଶିଶୁ ମନ୍ଦିର ସଭାପତି ବାଳକୃଷ୍ଣ ସାହୁ, ଦିବ୍ୟ କିଶୋର ଭୋଇ, ଗୋଡ଼ଭଗା ନାଗରିକ କମିଟି ସଭାପତି ହାରାଧନ ବାରିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଡ଼ ପୁଅ ପ୍ରକାଶ ମୁଖାଗ୍ନି ଦେଇଥିଲେ। ଭୋଇଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ଏନଏସି ମାନ୍ୟତା ଦାବିରେ ଚାଲିଥିବା ଧାରଣାକୁ ବଢ଼ିଲା ସମର୍ଥନ

ଲୋଇସିଂହା,୨୬।୨(ଡି.ଏନ.ଏ)

ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷହଦ ଆହ୍ୱାନକ୍ରମେ ବ୍ଲକ ଅଫିସ ଆଗରେ ଚାଲିଛି ଅନିର୍ଦ୍ଦିଷ୍ଟକାଳ ଗଣ ଧାରଣା । ଶୁକ୍ରବାର ଧାରଣାର ତୃତୀୟ ଦିବସରେ ବିଶ୍ୱ କଲ୍ୟାଣ ନାଗରିକ କମିଟି, ୟୁଥ ବିଜେଡି, ଓକିଲ ସଂଘ, କୋସଲି ସାହିତ୍ୟ ଅନୁଷ୍ଠାନ, ଆଦିବାସୀ ସଂଘ ପରି ଅନୁଷ୍ଠାନ ଧାରଣାକୁ ସମର୍ଥନ କରିଛନ୍ତି। ସରୋଜ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଧାରଣାରେ ବିଶ୍ୱ କଲ୍ୟାଣ ନାଗରିକ କମିଟି ସମ୍ପାଦକ ପ୍ରଶାନ୍ତ ବେହେରା, ସମ୍ବାଦିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ, କୋସଲି ସାହିତ୍ୟ ଅନୁଷ୍ଠାନର ବ୍ରଜମୋହନ ବିଶୋଇ, କୁନା ଭୋଇ, ରମାକାନ୍ତ ବିଶ୍ୱାଳ, ରାମଚନ୍ଦ୍ର ସାହୁ ଧାରଣାରେ ସମିଲହୋଇଥିଲେ ।

### କ୍ରିକେଟ: ଚଣ୍ଡିପାଲି, ଗୌଡ଼ପାଲି ବିଜୟୀ

ପଦ୍ମପୁର, ୨୬।୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଖୁଜେନର ମୈତ୍ରୀ କ୍ଲବ ଆନୁକୂଲ୍ୟରେ ନିରଞ୍ଜନ ସ୍ୱାଇଁ ସ୍ମାରକୀ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଅତିଥିଭାବେ ଯୁଗଳ କିଶୋର ସ୍ୱାଇଁ, ଲକ୍ଷପତି ସ୍ୱାଇଁ, ଦିଲୀପ ସ୍ୱାଇଁ, ନିରଞ୍ଜନ ରଣା, ଲାଦୁ ବରିହା, ଚିତ୍ରସେନ ସ୍ୱାଇଁ, ନରସିଂହ ସ୍ୱାଇଁ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ୍ ବେଲପଟା ଓ ଚଣ୍ଡିପାଲି, ଦ୍ୱିତୀୟ ମ୍ୟାଚ୍ ଦୁବଲାବାହାଲ ଓ ଗୌଡପାଲି ମଧ୍ୟରେ ହୋଇଥିଲା। ଚଣ୍ଡିପାଲି ଓ ଗୌଡପାଲି ବିଜୟୀ ହୋଇ ସେମିରେ ପ୍ରବେଶ କରିଛନ୍ତି।

## ସାମାଜିକ ବାସନ୍ଦ ଯୋଗୁ ଦୁଇ ପରିବାର ହଟହଟା

ବାଉଁଶୁଣୀ,୨୬।୨(ଡି.ଏନ.ଏ.)

- ହଜିଯାଉଛି ମାନବିକତା
- ଅନ୍ତିମ ସଂସ୍କାର ପାଇଁ କାନ୍ଧ ମିଳିଲାନି

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଞ୍ଚଳରେ ଘଟିଥିବା ଦୁଇଟି ବାସନ୍ଦ ଘଟଣାର କରୁଣ ପରିଣତି ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସାମାଜିକ ବାସନ୍ଦ ଯୋଗୁ କଣ୍ଟାମାଳ ବ୍ଲକ ଖମନମୁଣ୍ଡା ଗ୍ରାମ ପଞ୍ଚାୟତ ଗୁନୁଟିତୋରା ଗ୍ରାମର ପଦୁକେଶୀ ପୁଟା (୫୫)ଙ୍କ ମୃତଦେହକୁ ଶ୍ମଶାନ ଯାଏ ନେବାକୁ ଚାରିକାନ୍ଧ ମିଳିଲା ନାହିଁ। ଜାତି ଭାଇ କିମ୍ବା ଗ୍ରାମବାସୀ ସହଯୋଗ ନିମନ୍ତେ ନ ଆସିବାରୁ ପୁଅ ପ୍ରସନ୍ନ ନିଜେ ମାଆଙ୍କ ମୃତଦେହକୁ ଶ୍ମଶାନ ପର୍ଯ୍ୟନ୍ତ ନେଇ ଦାହ କରିଥିବା ଜଣାପଡିଛି । ଗୁରୁବାର ଏହି ଅଭାବନୀୟ ଘଟଣା ଘଟିଛି । ସେହିପରି କଣ୍ଟାମାଳ ବ୍ଲକ ଗୁଡଭେଲିପଦର ଗ୍ରାମ ପଞ୍ଚାୟତ ଡଙ୍ଗାଖୋଲ ଗ୍ରାମର ଉମେଶ ମହାକୁଡଙ୍କ ଏକ ମାତ୍ର ଝିଅ ପ୍ରେମ କରି ଅନ୍ୟ ଜାତିରେ ବିବାହ କରିଥିଲେ। ସେଥିପାଇଁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା । ଗୁରୁବାର ଉମେଶଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ତିମ ସଂସ୍କାର ପାଇଁ ଜାତି ଭାଇ କି ଗ୍ରାମବାସୀ ସହଯୋଗ କରି ନ ଥିଲେ। ଉମେଶଙ୍କ ସ୍ତ୍ରୀ ମୃତଦେହକୁ ଶ୍ମଶାନକୁ ନେବା ପାଇଁ ଯେତେ ନେହୁରା ହେଲେ ମଧ କେହି ଶୁଣି ନ ଥିଲେ । ଫଳରେ କ୍ୱାଇଁ ଓ ଝିଅ ଆସି ମୃତଦେହ ନେଇ ବିଲ ହୁଡାରେ ପୋତି ଦେଇଥିଲେ। କେବଳ କଣ୍ଟାମାଳ ବ୍ଲକ ନୁହେଁ, ଚଳିତ ମାସରେ ହରଭଙ୍ଗା ବ୍ଲକ ବାମଣ୍ଡା ଗ୍ରାମ ପଞ୍ଚାୟତର ଏକ ଗ୍ରାମରେ ମଧ ଏଭଳି ଅଭାବନୀୟ ଘଟଣା ଘଟିଥିବା ନଜରକୁ ଆସିଥିଲା । ଏହି ଜିଲାର ଅନେକ ସ୍ଥାନରେ ଗାଁ କିମ୍ବା ଜାତିରୁ ବାସନ୍ଦ ହୋଇ କେତେକ ପରିବାର ଜନ୍ମ, ବିବାହ, ମୃତ୍ୟୁ ଆଦି ସାମାଜିକ କାର୍ଯ୍ୟ ବେଳେ ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଥିବା ଦେଖିବାକୁ ମିଳୁଛି । ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ଏପରି ଘଟୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ଜନ ଅସନ୍ତୋଷର କାରଣ ହୋଇଛି।

## ସଙ୍କୁଳସ୍ତରୀୟ ଯୁବ ରେଡ୍‌କ୍ରସ୍ ତାଲିମ ଶିବିର

ତରଭା,୨୬।୨(ଡି.ଏନ.ଏ.)

ତରଭା ଏଇଏସ କଲେଜ ପରିସରରେ ଗତ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ସଙ୍କୁଳସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷା ପ୍ରଫେସର ସୁଶ୍ରୀ ମିନତୀ ମିଶ୍ରଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ସଭା ହୋଇଥିଲା । ଅତିଥି ଭାବେଜିଲା ରେଡକ୍ରସ ତଥା ସୋନପୁର ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର, ଯୁବ ରେଡକ୍ରସ ସଂଯୋଜକ ଅଧାପକ ଉମାକାନ୍ତ ନାଗ ଓ ତରଭା ଆଇଆଇସି ତୋଳାମଣୀ ଭୋଇ ଯୋଗ ଦେଇଥିଲେ । ଅତିଥିମାନେ ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱଶାନ୍ତି ପ୍ରତିଷ୍ଠାରେ ରେଡକ୍ରସର ଭୂମିକା ସମ୍ପର୍କରେ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ଗତ ୨୩ ତାରିଖ ଦିନ ତରଭା ବିଡିଓ ସୁଶ୍ରୀ ଚିନ୍ମୟୀ କହଁର ଉଦ୍‌ଘାଟନ କରିଥିଲେ ।

## ବୃନ୍ଦାବନ ସଭାପତି, ଜୟ ପ୍ରକାଶ ସମ୍ପାଦକ

**ଅତାବିରା ବଣିକ ସଂଘର ନୂତନ କର୍ମକର୍ତ୍ତା**

ସରଣ୍ଡା, ୨୬।୨ (ଡି.ଏନ.ଏ)

ଅତାବିରା ବଣିକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଂଘର ନିର୍ବାଚନ ପ୍ରକ୍ରିୟାରେ ସର୍ବସମ୍ମତିକ୍ରମେ ବୃନ୍ଦାବନ ମିଶ୍ର ସଭାପତି, ଜୟ ପ୍ରକାଶ ଅଗ୍ରୱାଲ ସାଧାରଣ ସମ୍ପାଦକ, ଅରବିନ୍ଦ ପାତ୍ର ଓ ଉମେଶ ଅଗ୍ରୱାଲ ଉପସଭାପତି, ମୁକେଶ ଅଗ୍ରୱାଲ ଓ ୱାସିମ ରାଜା ଖାଁ ଯୁଗ୍ମ ସମ୍ପାଦକ, ଗଗନ ବାଙ୍କା କୋଷାଧକ୍ଷ, ଦୀନବନ୍ଧୁ ସାହୁ ସହ କୋଷାଧକ୍ଷ ମନୋନୀତ ହୋଇଛନ୍ତି। ଶିଶୁ ଦେବତା, ରମେଶ ଅଗ୍ରୱାଲ, ସଞ୍ଜିବ ପରିଜା ପ୍ରମୁଖ ଉପଦେଷ୍ଟା ରହିଛନ୍ତି। ଉପସଭାପତି ଅରବିନ୍ଦ ପାତ୍ରଙ୍କୁ ଅତିରିକ୍ତ ଭାବେ ଗଣମାଧମ ଦାୟିତ୍ୱ ଦିଆଯାଇଛି । ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସଞ୍ଜୟ ଅଗ୍ରୱାଲ, ସୂର୍ଯ୍ୟକାନ୍ତ ସାହୁ, ସନ୍ତୋଷ ମହାପାତ୍ର, ଲଳିତ ମୋହନ ରାଜୁକା, ବଦ୍ରି ମିଶ୍ର, ତୁଳାରାମ ପଟେଲ, ସରୋଜ କୁମାର ମିଶ୍ରଙ୍କୁ ମନୋନୀତ କରାଯାଇଛି ।

## ନ୍ୟାୟ ପାଇଁ ମା’ ଓ ପୁଅ ଜିଲାପାଳଙ୍କ ଦ୍ୱାରସ୍ଥ

ବୌଦ୍ଧ,୨୬।୨(ସ୍ୱ.ପ୍ର.)

**ସରକାରୀ ଥଇଥାନ ଯୋଜନା ବାଟବଣା**



ଜିଲାପାଳଙ୍କ କାର୍ଯ୍ୟାଳୟରେ ମୃତ ଗ୍ରାମସେବକଙ୍କ ସ୍ତ୍ରୀ ଓ ପୁଅ ।

ବୌଦ୍ଧ ଜିଲାର ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ପରିବାର ସରକାରୀ ସୁବିଧା ପାଇବାକୁ ଯାଇ ଆର୍ଥିକ ଶୋଷଣର ଶିକାର ହୋଇଛନ୍ତି । ସମ୍ପୃକ୍ତ ମହିଳା ଜଣକ ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମନମୁଣ୍ଡା ଥାନା ଗୁଡଭେଲିପଦର ଗ୍ରାମର ହାଡିବନ୍ଧୁ ବାଘ ଗ୍ରାମସେବକ ଭାବରେ କାର୍ଯ୍ୟ କରୁଥିବା ବେଳେ ୨୦୧୬ ମାର୍ଚ୍ଚ ମାସ ୨୭ରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ତାଙ୍କ ସ୍ତ୍ରୀ ଶାନ୍ତିଲତା ସ୍ୱାମୀଙ୍କ ଗ୍ରାଚ୍ୟୁଇଟି ଟଙ୍କା, ରେଗୁଲାର ପେନସନ ଓ ଥଇଥାନ ଯୋଜନାରେ ସରକାରୀ ଚାକିରି ପାଇବା ଆଶାରେ ହରଭଙ୍ଗା ବିଡିଓ, ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ସଚିବାଳୟର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇ ନିରାଶ ହୋଇଥିଲେ। ଶେଷରେ ଜିଲା ପଞ୍ଚାୟତ କାର୍ଯ୍ୟାଳୟର ଜଣେ କିରାଣି ଓ ଜଣେ ପିଅନ ଏହି ଅସହାୟ ପରିବାରର ସମସ୍ତ କାମ କରାଇବା ପ୍ରତିଶ୍ରୁତି ଦେଇ ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବିଭିନ୍ନ ସମୟରେ ନେଇଥିଲେ। ଥଇଥାନ ଯୋଜନାରେ ଚାକିରି ପାଇଁ ପୁଣି ଟଙ୍କା ଦେବାକୁ ଦାବି କରିବାରୁ ହାଡିବନ୍ଧୁଙ୍କ ପୁଅ ନୟନ ପ୍ରସାଦ ଗତ ୨୪ ତାରିଖରେ ଅତିରିକ୍ତ ଜିଲାପାଳଙ୍କୁ ଭେଟିଥିଲେ।ପରେ ସେମାନେ ଠକାମିର ଶିକାର ହୋଇଥିବା ଜାଣି ପାରିଥିଲେ। ନ୍ୟାୟ ପାଇଁ ଶାନ୍ତିଲତା ଓ ନୟନ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ସେମାନେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠନ ଗ୍ରହଣ ସହ ଟଙ୍କା ଫେରି ପାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଧାନକିଣା ସମସ୍ୟା ନେଇ ରାଜ୍ୟପାଳଙ୍କୁ ଦାବିପତ୍ର

ବଲାଙ୍ଗୀର ଅଫିସ, ୨୬।୨

ବଲାଙ୍ଗୀର ଜିଲାର ଧାନକିଣା ସମସ୍ୟା ଓ ଦୁର୍ନୀତିକୁ ନେଇ ଜିଲା କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତବର୍ଷ ଧାନକିଣା ସମୟରେ ଟୋକନ ସମସ୍ୟା, ଧାନର ଅଭାବୀ ବିକ୍ରି, କୁଇଣ୍ଟାଲ ପିଛା ୧୦ କେଜି ଲେଖାଏଁ କଟନୀ ଏବଂ କୋଟି ଟଙ୍କା ଦୁର୍ନୀତିକୁ ନେଇ ରାଜ୍ୟପାଳଙ୍କୁ ଅଭିଯୋଗ କରିଥିଲେ । ଜିଲାରେ ଚଳିତବର୍ଷ ବମ୍ପର ଧାନ ଅମଳ ହୋଇଥିଲା । କିନ୍ତୁ ଏକର ପିଛା ମାତ୍ର ୧୩ କୁଇଣ୍ଟାଲ ଲେଖାଏଁ ଧାନ କିଣିବା ପାଇଁ ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ବହୁ ଚାଷୀଙ୍କ ସହସ୍ରାଧିକ କୁଇଣ୍ଟାଲ ଧାନ ଚାଷୀଙ୍କ ପାଖରେ ପଡିରହିଛି। ଟାର୍ଗେଟ ଅନୁଯାୟୀ ଟୋକନ ପ୍ରଦାନରେ ମଧ ଅନିୟମିତା, ମିଲର-ପ୍ରଶାସନ ଓ ସରକାରଙ୍କ ଅସାଧୁ ମେଣ୍ଟ ଯୋଗୁଁ ଚାଷୀ ଅସୁବିଧାରେ ପଡିଥିବା ଅଭିଯୋଗ କରିଛନ୍ତି । ଜିଲା କିଶାନ କଂଗ୍ରେସ ଅଧକ୍ଷ ମିଶ୍ର ଜିଲାର ମଣ୍ଡିରେ ପଡିଥିବା ସମସ୍ତ ଧାନ, ଚାଷୀଙ୍କ ପାଖରେ ଥିବା ବଳକା ଧାନ, କଟ୍‌ନୀ ବନ୍ଦ କରିବା, ପ୍ରତି ଅଖାର ମୂଲ୍ୟ ଓ ପରିବହନ ଖର୍ଚ୍ଚ ଚାଷୀଙ୍କୁ ପ୍ରଦାନ କରିବା, ଧାରା ୧୩ ଏଫ୍‌ସିଆଇ ଆକ୍ଟ ଅନୁଯାୟୀ ଚାଷୀଙ୍କ ଧାନ ସିଧାସଳଖ ଏଫ୍‌ସିଆଇ କିଣିବା, ଜିଲା ସଂଗ୍ରହ କମିଟିକୁ ପୁନଃ କାର୍ଯ୍ୟକ୍ଷମ କରିବା ତଥା ଛତିଶଗଡ ସରକାରଙ୍କ ଭଳି ଓଡିଶା ସରକାର ମଧ ଚାଷୀଙ୍କୁ ୫୦୦ ଟଙ୍କାର ବୋନସ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ରାଜ୍ୟ କିଶାନ ସେଲ ସଭାପତି ଅମିୟ କୁମାର ପଟ୍ଟନାୟକ, ସରୋଜ ପଧାନ, ସରୋଜ ରଥ, ବିଶ୍ୱଜିତ ନାଥ, ଛାତ୍ର ସଭାପତି ଅଙ୍କିତ ସାହୁ ଉପସ୍ଥିତ ଥିଲେ ।



ବଲାଙ୍ଗୀର ଜିଲା କିଷାନ ସେଲ୍ ଅଧକ୍ଷ ସାନନ୍ଦ ମିଶ୍ର ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ହାଟପଦା ମଣ୍ଡିରେ ଧାନକିଣାରେ ଅବ୍ୟବସ୍ଥା

ବୌଦ୍ଧ,୨୬।୨(ସ୍ୱ.ପ୍ର.)



ମଣ୍ଡିରେ ଧାନକୁ ଜଗି ରହିଛନ୍ତି ଚାଷୀ ।

**ଆସୁନାହାନ୍ତି ମିଲର୍ସ, ଧାନ ଜଗିଛନ୍ତି ଚାଷୀ**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ହାଟପଦାଠାରେ ହୋଇଥିବା ଅସ୍ଥାୟୀ ମଣ୍ଡିରୁ ଧାନ ଉଠାଯିବାରେ ବିଳମ୍ୱ ହେଉଛି । ଫଳରେ ବହୁ ଚାଷୀ ମଣ୍ଡିରେ ଦିନ ଦିନ ଧରି ଧାନ ଜଗି ରହି ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି ।

ପ୍ରକାଶ ଯେ, ପ୍ରଶାସନ ପକ୍ଷରୁ ହାଟପଦାଠାରେ ଚାଷୀଙ୍କ ଧାନ ବିକ୍ରି କରିବା ପାଇଁ ଏକ ଅସ୍ଥାୟୀ ମଣ୍ଡି ବ୍ୟବସ୍ଥା କରାଯାଇଛି । ଏହି ଅସ୍ଥାୟୀ ମଣ୍ଡିରୁ ତେଲିବନ୍ଧ ପ୍ୟାକ୍ସ ପକ୍ଷରୁ ବୁଧବାର ଓ ଖୁଣ୍ଟବନ୍ଧ ପ୍ୟାକ୍ସ ପକ୍ଷରୁ ଶୁକ୍ରବାର ଓ ଶନିବାର ଧାନ ଉଠାଇବାକୁ ଦିନ ଧାର୍ଯ୍ୟ ହୋଇଛି । ଏହି ମଣ୍ଡିରୁ ପାହାଡବାଳୀ, ସେରବାଲି, ରାଣୀସତି, ଗୋପୀନାଥ ଓ ଶ୍ରୀକ୍ରିଷ୍ଣା ଆଦି ମିଲର୍ସ ଧାନ କ୍ରୟ କରିବା ପାଇଁ ଯୋଗାଣ ବିଭାଗ ସହ ଚିକ୍ତିନାମା କରିଛନ୍ତି । ଗତ ୧୨ ଓ ୧୭ ତାରିଖ ଦିନ ପାଇଁ ଟୋକନ ପାଇଥିବା ଚାଷୀ ଧାନ ବିକିବା ନିମନ୍ତେ ଉକ୍ତ ମଣ୍ଡିକୁ ଧାନ ଆଣିଥିଲେ । କିନ୍ତୁ ଏହାମଧରେ ଏକ ସପ୍ତାହରୁ ଅଧିକ ଦିନ ବିତିଯାଇଥିଲେ ସୁଦ୍ଧା ମିଲର୍ସଙ୍କ ଦେଖାନାହିଁ । ଫଳରେ ଟୋକନ ପାଇଥିବା ଚାଷୀ ଧାନ ବିକିବା ପାଇଁ ଖୋଲା ଆକାଶ ତଳେ ଧାନ ଜଗି ରହିଛନ୍ତି । ମିଲର୍ସମାନେ ଧାନ ଅନୁସାରେ ଗାଡି ପଠାଉ ନ ଥିବାରୁ ଏପରି ସମସ୍ୟା ଦେଖାଦେଉଛି ବୋଲି କେତେଜଣ ଚାଷୀ କହିଛନ୍ତି । ଏପରି କି ପ୍ରଶାସନ ମିଲର୍ସଙ୍କ ମର୍ଜିରେ ଧାନ କ୍ରୟ କରୁଥିବା ଅଭିଯୋଗ ହେଉଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

## ରାସ୍ତାରୋକୋ ହଟିଲା, ଧାରଣା ଜାରି

ପଦ୍ମପୁର,୨୬।୨(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଚାଷୀମାନେ ଧାନ ବିକ୍ରି କରି ନ ପାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ରଖି ଆନ୍ଦୋଳନ କରୁଛନ୍ତି। ଏଆରସିଏସ, ବ୍ଲକ, ତହସିଲ, ଟ୍ରେଜେରୀ ଅଫିସରେ ତାଲା ପକାଇ ଦେଇଛନ୍ତି। ତଥାପି ପ୍ରଶାସନ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରିବାରୁ କନସିଂହା ଛକରେ ରାଜରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଯାତାୟାତ ବନ୍ଦ ହେବା ସହ ଜନସାଧାରଣଙ୍କ ବିଶେଷ ଅସୁବିଧା ହେଲା। ଶେଷରେ ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ ସାହୁ, ଥାନାଧିକାରୀ ମାନସ ରଞ୍ଜନ ପ୍ରଧାନ ଆନ୍ଦୋଳନରତ ଚାଷୀମାନଙ୍କ ପାଖକୁ ଯାଇ ଆଲୋଚନା କରିଥିଲେ। ୧ଲକ୍ଷ ୯୩ହଜାର କୁଇଣ୍ଟାଲ ଧାନ କିଣିବା ଏବଂ ଟୋକନ ରିଜେନେରେଟ ପାଇଁ ପ୍ରସ୍ତାବ ପଠାଯାଇଛି। ତାହା ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଆମେ ଆଶାବାଦୀ ତେଣୁ ଆନ୍ଦୋଳନରୁ ବିରତ ହେବାକୁ ଅଧିକାରୀମାନେ କହିଥିଲେ। ଏଥିରେ ସହମତି ପ୍ରକାଶ କରି କୃଷକ ସଙ୍ଗଠନ ରାସ୍ତାରୋକୋ ହଟାଇ ଦେଇଥିଲେ ମଧ ଅଫିସ ସମ୍ମୁଖରେ ଧାରଣା ଜାରି ରଖିଛି। ଆଗାମୀ ୪ ତାରିଖ ସୁଦ୍ଧା ଧାନ ନ ଉଠିଲେ ୫ ତାରିଖରେ ଆନ୍ଦୋଳନକୁ ବ୍ୟାପକ କରାଯିବ ଏବଂ ସେତେବେଳେ ପ୍ରଶାସନ ଦାୟୀ ରହିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି ।

## ରାଜା ହତ୍ୟାକାଣ୍ଡ: କୋର୍ଟରେ ଚାର୍ଜଶିଟ ଦାଖଲ

ବୌଦ୍ଧ,(ସ୍ୱ.ପ୍ର.): ସହରର ଯୁବ ବ୍ୟବସାୟୀ ରାଜା ଓରଫ ପ୍ରମୋଦ ପ୍ରସାଦ ହତ୍ୟା ମାମଲାରେ ପୋଲିସ ଶୁକ୍ରବାର ବୌଦ୍ଧ ଏସଡିଜେଏମ କୋର୍ଟରେ ଚାର୍ଜସିଟ ଦାଖଲ କରିଛି। ପ୍ରକାଶ ଯେ, ଗତ ୩ ମାସ ତଳେ ରାଜାଙ୍କ ଦରପୋଡା ମୃତଦେହ ମହାନଦୀ ପଠାରୁ ଜବତ ହୋଇଥିଲା। ରାଜାଙ୍କୁ ତାଙ୍କର ଦୁଇ ବନ୍ଧୁ ମିଲନ ପାତ୍ର ଓ ଅଭିଶେକ ସାହାଣୀ ହତ୍ୟା କରିଥିଲେ। ସେମାନେ ପୋଲିସ ନିକଟରେ ଏହା ସ୍ୱୀକାର କରିବା ପରେ ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହାଛଡା ମୃତଦେହକୁ ଡିଏନଏ ଟେଷ୍ଟ ପାଇଁ ମେଡିକାଲ ପଠାଯାଇଥିଲା। ଶୁକ୍ରବାର ଏହାର ରିପୋର୍ଟ ହସ୍ତଗତ ହୋଇଛି। ରିପୋର୍ଟରେ ଏହା ରାଜାଙ୍କର ବୋଲି ଜଣାପଡିବା ପରେ ପୋଲିସ କୋର୍ଟରେ ଚାର୍ଜସିଟ ଦାଖଲ କରିଥିବା ବୌଦ୍ଧ ଥାନା ଅଧିକାରୀ ତପସ୍ୱନୀ କହଁର ପ୍ରକାଶ କରିଛନ୍ତି।

# ଦୋକାନ ବଜାର ବନ୍ଦ, ସ୍ୱାଭାବିକ ଜୀବନ ପ୍ରଭାବିତ


ବଲାଙ୍ଗୀର ସହରରେ ବନ୍ଦ ପାଳନ ବେଳେ ରାସ୍ତାଘାଟ ଶୁନଶାନ।



ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିବା ବରଗଡ଼ ବ୍ୟବସାୟୀ ସଂଘ ।

### ବରଗଡ଼

**ବରଗଡ଼ ଅଫିସ୍,୨୬।୨:** କେନ୍ଦ୍ର ସରକାରଙ୍କ ପ୍ରଚଳିତ ଜିଏସଟିକୁ ସରଳୀକରଣ କରିବା ଦାବିରେ ଶୁକ୍ରବାର ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ବରଗଡ଼ ଜିଲାରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ବ୍ୟବସାୟୀମାନେ ଦୋକାନ, ବଜାରକୁ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ କରିଥିଲେ। ସେହିପରି ରାସ୍ତାଘାଟରେ ଗାଡ଼ି ଚଳାଚଳ ମଧ୍ୟ ସ୍ୱାଭାବିକ ନ ଥିଲା। କାଁ ଭାଁ ଯାନବାହନ ଚଳାଚଳ କରୁଥିବା ପରିଲକ୍ଷିତ ହୋଇଥିଲା। ବରଗଡ଼ ଧର୍ମଶାଳା ଛକରେ ବ୍ୟବସାୟୀ ସଂଘ ପକ୍ଷରୁ ଏକ ସଭା ହୋଇଥିଲା। ସଭାରେ ଜୟପ୍ରକାଶ ଲାଠ, ରୋହିତ ପିପଲାନୀ, ଘାସିରାମ ଅଗ୍ରୱାଲ, ହରି ଅଗ୍ରୱାଲ, ପ୍ରଦୀପ ଦେବତା, ଅମିତ ସାହୁ, କିଶୋର ଅଗ୍ରୱାଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହାସହିତ ଜିଏସ୍‌ଟି ସରଳୀକରଣ ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ବ୍ୟବସାୟୀ ସଂଘ ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା।

### ବଲାଙ୍ଗୀର

**ବଲାଙ୍ଗୀର ଅଫିସ, ୨୬।୨:** ବ୍ୟବସାୟୀ ସଂଘ ପକ୍ଷରୁ ଦିଆଯାଇଥିବା ସର୍ବଭାରତୀୟ ବନ୍ଦ ଡାକରା ପରିପ୍ରେକ୍ଷୀରେ ଶୁକ୍ରବାର ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର ବନ୍ଦ ରହିଥିଲା। ଏହି ବନ୍ଦ ଡାକରାକୁ ଜିଲା ବଣିକ ସଂଘ ସମର୍ଥନ କରିଥିଲା । ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିଲା। ସହରର ସମସ୍ତ ଛୋଟବଡ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଡେଲିମାର୍କେଟ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସଂଘ ସଭାପତି ପାଣିଗ୍ରାହୀ କହିଥିଲେ ଯେ, ସରକାର ଜିଏସ୍‌ଟିକୁ ସରଳୀକରଣ କରିବାକୁ କହି ଦିନକୁ ଦିନ ଅଧିକରୁ ଅଧିକ ଜଟିଳ କରିଦେଉଛନ୍ତି । ଏହାଦ୍ୱାରା ବ୍ୟବସାୟୀ ଅସୁବିଧାରେ ପଡୁଛି । ତୁରନ୍ତ ଜିଏସ୍‌ଟି ସଂଶୋଧନ କରିବାକୁ ସେ ଦାବି କରିଥିଲେ। ବନ୍ଦ ପାଳନରୁ ଗାଡି ମୋଟର ଚଳାଚଳକୁ ବାଦ୍ ଦିଆଯାଇଥିଲେ ମଧ୍ୟ ଶୁକ୍ରବାର ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରହିଥିଲା । ବିଭିନ୍ନ ସରକାରୀ ଅଫିସ ଓ ବ୍ୟାଙ୍କ ଖୋଲା ରହିଥିଲା । କଣ୍ଟାବାଞ୍ଜିରେ ବଣିକ ସଂଘ ସଭାପତି ଅନୀଲ ରୁବି ଅଗ୍ରୱାଲଙ୍କ ନେତୃତ୍ୱରେ କରାଯାଇଥିବା ବନ୍ଦରେ ଶେଷଦେବ ପୁଟେଲ, ମନୋଜ ଶର୍ମା, ମୁକେଶ ବାରୁ, ମହେଶ ଅଗ୍ରୱାଲ, ସଂଜୟ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।

### ସୁବର୍ଣ୍ଣପୁର

**ସୋନପୁର,୨୬।୨(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘ ନେତୃତ୍ୱରେ କରାଯାଇଥିବା ବନ୍ଦକୁ ବିଭିନ୍ନ ମହଲରୁ ସମର୍ଥନ ମିଳିଥିଲା। ବ୍ୟବସାୟୀମାନେ ଚକାଜାମ୍ କରିଥିଲେ। ଅତ୍ୟାବଶ୍ୟକ ସେବା, ସ୍କୁଲ, କଲେଜ ବ୍ୟତୀତ ଅନ୍ୟ ସବୁ ବନ୍ଦ ରହିଥିଲା । ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବ୍ୟବସାୟୀମାନେ ପିକେଟିଂ କରି ସରକାରୀ, ବେସରକାରୀ ଅଫିସ, କୋର୍ଟ, ବ୍ୟାଙ୍କ, ପୋଷ୍ଟ ଅଫିସ ଏବଂ ଯାନବାହାନ ଚଳାଚଳ ବନ୍ଦ କରିଥିଲେ। ଜିଲା ସଦର ମହକୁମାର କୁଞ୍ଜ ଛକ, ବ୍ଲକ ଛକ ଓ ବୁଢା ରାଜା ଛକରେ ରାସ୍ତାରୋକୋ କରାଯାଇଥିଲା। ଜିଲାର ବୀରମହାରାଜପୁର, ଉଲୁଣ୍ଡା, ବିନିକା, ରାମପୁର, ଡୁଙ୍ଗୁରିପାଲି ଓ ତରଭାରେ ବନ୍ଦର ବ୍ୟାପକ ପ୍ରଭାବ ପଡିଥିଲା। ସୋନପୁରରେ ଜିଲା ବ୍ୟବସାୟୀ ସଂଘ ସଭାପତି ରାମକୃଷ୍ଣ ମେହେର, ସାଧାରଣ ସମ୍ପାଦକ ବି ସତ୍ୟ ନାରାୟଣ ରାଓ, ଉପଦେଷ୍ଟା ଧୀରେନ୍ଦ୍ର ପଟ୍ଟନାୟକ, ଗୁଣନିଧି ମେହେର, ଉପସଭାପତି ବି ସୁଦର୍ଶନ ପାତ୍ର ପ୍ରମୁଖ ବନ୍ଦର ନେତୃତ୍ୱ ନେଇଥିଲେ। ଡୁଙ୍ଗୁରିପାଲିରେ ବଣିକ ସଂଘ ସମ୍ପାଦକ ମଣିଲାଲ ଶର୍ମା, ଉପସଭାପତି ଲକ୍ଷ୍ମଣ ମେହେର, ମୃତ୍ୟୁଞ୍ଜୟ ମିଶ୍ର, ପ୍ରଭୁଦତ୍ତ ନାଏକ ପ୍ରମୁଖ ବନ୍ଦରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ବୌଦ୍ଧ

**ବୌଦ୍ଧ,୨୬।୨(ସ୍ୱ.ପ୍ର.):** କେନ୍ଦ୍ର ସରକାରଙ୍କ କେତେକ ନିଷ୍ପତ୍ତିକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାରେ ବୌଦ୍ଧ ବଣିକ ସଂଘ ସାମିଲ ହୋଇଥିଲା। ଜିଲାର ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ବନ୍ଦକୁ ସମର୍ଥନ କରିବା ସହ ଦୋକାନ ବଜାର ବନ୍ଦ ରହିଥିଲା । ଜିଲା ବସ ମାଲିକ ସଂଘ ଗାଡି ଚଳାଚଳ ବନ୍ଦ ରଖିଥିଲା। ବ୍ୟାଙ୍କ ଓ ବେସରକାରୀ ଅନୁଷ୍ଠାନଗୁଡିକ ବନ୍ଦ ଥିବା ଦେଖିବାକୁ ମିଳିଥିଲା । ବଣିକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ଦଳରେ ସଂଘର ସଂପାଦକ ସୁନିଲ ଅଗ୍ରୱାଲା, ରାଜକପୁର ଅଗ୍ରୱାଲା, ବି ପ୍ରବାଳ ପାତ୍ର, ପ୍ରମିଳ ଦଲାଲ, ଅନ୍ତର୍ଯ୍ୟାମୀ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, କେତନ ଅଗ୍ରୱାଲା ପ୍ରମୁଖ ସାମିଲ ଥିଲେ। ସେହିପରି ଜିଲାର ପୁରୁଣାକଟକ, ବାଉଁଶୁଣୀ, ଜହ୍ନାପଙ୍କ, ମନମୁଣ୍ଡା, କଣ୍ଟାମାଳ, ଚାରିଛକ ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ବନ୍ଦରେ ସାମିଲ ହୋଇଥିଲେ।

### ଖଡ଼ିଆଳ

**ଖଡିଆଳ, ୨୬।୨ (ଡି.ଏନ.ଏ.):** ଭାରତ ବନ୍ଦକୁ ଖଡିଆଳ ବଣିକ ସଂଘ ପକ୍ଷରୁ ସମର୍ଥନ କରି କରାଯାଇଛି। ଖଡିଆଳ ବଣିକ ସଂଘ ସଭାପତି ରଶ୍ମିରଞ୍ଜନ ଚାଲାନ ଏବଂ ସମ୍ପାଦକ ସମ୍ବିତ ପଣ୍ଡାଙ୍କ ନେତୃତ୍ୱରେ ବଣିକ ସଂଘ ସଦସ୍ୟମାନେ ସକାଳ ଖଡିଆଳ ସହରକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିବା ବେଳେ ପିକେଟିଂ କରି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସରକାରୀ କାର୍ଯ୍ୟାଳୟ, ବସ ଚଳାଚଳ, ବିଦ୍ୟାଳୟଗୁଡିକ ଖୋଲାଥିବା ବେଳେ ଦୋକାନବଜାର ସବୁ ବନ୍ଦ ଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### କଳାହାଣ୍ଡିରେ ପ୍ରଥମ ଥର ପାଇଁ ଜେଇଇ ମେନ୍ ପରୀକ୍ଷା

**ଭବାନୀପାଟଣା, ୨୬।୨ (ଡି.ଏନ.ଏ.):** ସର୍ବଭାରତୀୟ ଜେଇଇ ମେନ୍ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ରାଉରକେଲା, ସମ୍ବଲପୁର କିମ୍ବା ଭୁବନେଶ୍ୱର ଭଳି ସହରକୁ ଯିବାକୁ ପଡୁଥିଲା । ଚଳିତବର୍ଷ କଳାହାଣ୍ଡି ଜିଲା ଭବାନୀପାଟଣା ସହର ଇରିକେସନ୍ କଲୋନୀର ୧୫ ନମ୍ବର ଗଳିରେ ଥିବା ପ୍ରକୃତି ଶିକ୍ଷାନୁଷ୍ଠାନ ପକ୍ଷରୁ ଜେଇଇ ମେନ୍ ପରୀକ୍ଷା-୨୦୨୧ ସଞ୍ଚାଳନ କରିବା ପାଇଁ ସୁଯୋଗ ମିଳିଛି। ଏଥିଯୋଗୁ କଳାହାଣ୍ଡି ତଥା ପଡୋଶୀ ନୂଆପଡା, ବଲାଙ୍ଗୀର, ରାୟଗଡା, ନବରଙ୍ଗପୁର ଜିଲାର ମେଧାବୀ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ପ୍ରକୃତି ଶିକ୍ଷାନୁଷ୍ଠାନ ଅଧକ୍ଷ ପ୍ରଦ୍ୟୁମ୍ନ ସାହୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଜାତୀୟସ୍ତରର ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ବହୁ ଦୂରଦୂରାନ୍ତକୁ ଯାଇ ସେଠାରେ ରହି ପରୀକ୍ଷା ଦେବା, ଅଧିକ ଭାରାକ୍ରାନ୍ତ ଓ ଦୀର୍ଘ ଦିନରୁ ପ୍ରସ୍ତୁତି କରିବାକୁ ପଡୁଥିଲା। ଯଦ୍ୱାରା ପରୀକ୍ଷାର୍ଥୀଙ୍କ ପଢ଼ାପଢ଼ିରେ ବାଧା ହେଉଥିଲା । ଏହି ସବୁ ଜିଲାଗୁଡିକ କଳାହାଣ୍ଡି ଜିଲା ଭବାନୀପାଟଣା ସହରରଠାରୁ ଇରିକେସନ କଲୋନୀ ୧୫ ନମ୍ବର ଗଳି ମେନରୋଡ ସାମ୍ନାରେ ପ୍ରକୃତି ଶିକ୍ଷା ଅନୁଷ୍ଠାନ ନିକଟରେ ଥିବା ଯୋଗୁ ବସରେ ମଧ ଆସି ପରୀକ୍ଷା ଦେଇ ଫେରି ଯିବାକୁ ସୁବିଧା ହେଉଛି ବୋଲି କହିଛନ୍ତି ।

### କୋଶଲୀ ସ୍ୱାଭିମାନ ଦିବସ ପାଳିତ

**ଖଡିଆଳ, ୨୬।୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ସ୍ଥିତ କଲ୍ୟାଣ ମଣ୍ଡପ-୧ରେ ପଣ୍ଡିତ ପ୍ରୟୋଗଦତ୍ତ ଯୋଶୀଙ୍କ ଜନ୍ମ ଜୟନ୍ତୀକୁ କୋଶଲୀ ସ୍ୱାଭିମାନ ଦିବସ ରୂପେ ପାଳିତ ହୋଇଯାଇଛି । ପଣ୍ଡିତ ପ୍ରୟୋଗଦତ୍ତ ହେଉଛନ୍ତି କୋଶଲୀ ଭାଷାର ଜନକ। କୋଶଲି ଭାଷାର ସ୍ୱତନ୍ତ୍ରତା ରହିଥିବା ବେଳେ ଏହାର ସ୍ୱତନ୍ତ୍ର ଲିପି ଏବଂ ସ୍ୱତନ୍ତ୍ର ଶବ୍ଦ କୋଷ ରହିଛି । ଏହି ସ୍ୱଭିମାନ ଦିବସ ଉପଲକ୍ଷେ ପ୍ରଥମେ ବଡଦଧିବାମନ ମନ୍ଦିର ପରିସର ମଧ୍ୟରୁ ଏକ ଶୋଭାଯାତ୍ରା ବାହାରି ଖଡିଆଳ ନଗର ପରିକ୍ରମା କରି କଲ୍ୟାଣ ମଣ୍ଡପ- ୧ରେ ପହଞ୍ଚିଥିଲେ। ଏଠାରେ ଆୟୋଜିତ ସଭାରେ ପୂର୍ବତନ କଲେଜ ଅଧକ୍ଷ ଡ. ଫଣିନ୍ଦମ ସିଂଦେଓ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ, ଗୋରଖନାଥ ସାହୁ, ସଙ୍କେତ ସାହୁ, ଶଶିକାନ୍ତ ଖମାରୀ, ସୁଜିତ ସିଂ ମହାରଥା, ଜିତେନ୍ଦ୍ର ନାଥ ପଟ୍ଟନାୟକ, ଅଧାପକ ଦିଲୀପ କୁମାର ପଶାୟତ, ପରମେଶ୍ୱର ମୁଣ୍ଡ, ଇରଫାନ ମହମ୍ମଦ, ନିମାଇଁଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଖଡିଆ ମା' ମାଟିରେ କୋଶଲି ଭାଷାର ଭୂପ୍ରୁତି ହୋଇଥିବା ବେଳେ ଏହାର ସୁରକ୍ଷାରେ ସମସ୍ତେ ଆଗେଇ ଆସିବାକୁ ଅନୁରୋଧ କରିଥିଲେ ।

### ବ୍ଲକସ୍ତରୀୟ ମୋ ଚାଟଶାଳୀ କାର୍ଯ୍ୟକ୍ରମ

**କୋକସରା, ୨୬।୨ (ଡି.ଏନ.ଏ.):** କଳାହାଣ୍ଡ ଜିଲା କୋକସରା ବ୍ଲକ ଝରିଆଗୁଡାଠାରେ ବ୍ଲକସ୍ତରୀୟ ମୋ ଚାଟଶାଳୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ନାଗରିକ ବିକାଶ ସଙ୍ଗଠନ କଳାହାଣ୍ଡି ତଥା ମହିଳା ଶ୍ରମଜୀବି ମଞ୍ଚ ଓ ଓଡିଶା ଶ୍ରମଜୀବି ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେଙ୍ଗାଲପାଲି ସରପଞ୍ଚ ବିନୋଦ ପାଣିଗ୍ରାହୀ ଯୋଗଦେଇଥିଲେ। ଅରବିନ୍ଦ ପଟ୍ଟନାୟକ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଅଭିଯାନର ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ଉପେନ୍ଦ୍ର ସୁନାନୀ, ବିନୋଦ ଦିଗାଳ, ସ୍ୱେଚ୍ଛାସେବୀ ଶିକ୍ଷକ/ଶିକ୍ଷୟିତ୍ରୀ ଲକ୍ଷ୍ମଣ ନିଆଲ, ଧବଳେଶ୍ୱର ଗହୀର, ମମତା ଗହୀର, ବିଷ୍ଣୁପ୍ରିୟା, ମନୋଜ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ଓଲଟି ପଡ଼ିଲା ମାଲ ବୋଝେଇ ଟ୍ରକ୍

**ବିନିକା,୨୬।୨(ଡି.ଏନ୍.ଏ):** ସୁବର୍ଣପୁର ଜିଲା ବିନିକା-ସୋନପୁର ମୁଖ୍ୟରାସ୍ତା ମଧବର୍ତୀ ଫୁଲମୁଠୀ ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ ମାଲ ବୋଝେଇ ଟ୍ରକ୍ ଓଲଟି ପଡିଛି। ଉତ୍ତରପ୍ରଦେଶରୁ ବିରି ବୋଝେଇ କରି ଟ୍ରକ୍(ନଂ.ୟୁପି-୯୪-ଟି-୬୫୪୫) ଜଟଣୀ ଅଭିମୁଖେ ଯାଉଥିବା ବେଳେ ସୋନପୁର-ବିନିକା ରାସ୍ତାର ଫୁଲମୁଡୀ ଛକରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଟ୍ରକ୍ ଚାଳକ ଓ ହେଲପର ଆହତ ହୋଇଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କର୍ଲାମୁଣ୍ଡା, ୨୬।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପରିସରରେ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କର୍ଲାମୁଣ୍ଡା ପଞ୍ଚାୟତ ସମିତି ସୌଜନ୍ୟତାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪୫ଜଣ ପଞ୍ଜୀକୃତ ହୋଇଥିବା ବେଳେ ୧୧୦ଜଣଙ୍କୁ ୟୁଡିଆଡି କାର୍ଡ, ୩ ଜଣଙ୍କୁ ଟ୍ରାଏ ସାଇକେଲ ୧ ଜଣଙ୍କୁ ହୁଇଲଚେୟାର, ୨୧ ଜଣଙ୍କୁ ବସ୍ ପାସ୍, ୨୪ ଜଣଙ୍କୁ ଟ୍ରେନ୍‌ପାସ୍, ୩୭ ଜଣଙ୍କ ଋଣ ପାଇଁ ଦରଖାସ୍ତ ଗ୍ରହଣ, ୫୯ଜଣ ଘର ପାଇଁ ଆବେଦନ କରିଥିଲେ। ଜିଲା ସାମାଜିକ ଓ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ବିଶି, ଡ. ସୁନୀଲ କୁମାର ପାଢୀ, ଡ. ପ୍ରିୟଙ୍କ ସିନ୍ଦେ, ଡ. ପ୍ରତାପ କୁମାର ପଟନାୟକ, ଡ. ପ୍ରଦ୍ୟୁନ୍ନ କୁମାର ପଣ୍ଡା, ଜିଲା ଭିନ୍ନକ୍ଷମ ପୁନରବାସ ଅଧିକାରୀ ସୁଭାଶିଷ ମାହାନ୍ତି, ସିନିୟର ଓଡିଓଲୋଜିଷ୍ଟ ବାଦଲ ପଟନାୟକ, ମୋଭିଲିଟି ଇନଷ୍ଟ୍ରକଟର ନିବାସ ସାହୁ, ନିବେଦିତା ସାହୁ, ଲକ୍ଷପତି ପୂଝାରୀ, ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ବ୍ଲକ ଅଧକ୍ଷ ଅରବିନ୍ଦ ଚୌଧୁରୀ, କେଭିଏମ ସଭାପତି ସୁରେଶ ଚୌଧୁରୀ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ଚିହ୍ନଟ ସହିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଦେଇଥିଲେ।

## ସଙ୍କୁଳସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିବିର

**କୁନାଗଡ, ୨୬।୨ (ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି।

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଚିଚିଇଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ସଙ୍କୁଳସ୍ତରୀୟ ଯୁବ ରେଡକ୍ରସ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ବୀର କିଶୋର ମେହେରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ସମ୍ମାନିତ ଅତିଥି କରଚଲା ସ୍ୱାମୀ ଚିଦାନନ୍ଦ ମହାବିଦ୍ୟାଳୟ ପରାମର୍ଶଦାତା ଭବାନୀ ଶଙ୍କର ପଣ୍ଡା, କୁନାଗଡ ପିଆଇ ମହାବିଦ୍ୟାଳୟ ପରାମର୍ଶଦାତା ବିଶ୍ୱ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ମାନବୀୟ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଉଦ୍‌ବୋଧନ ଦେଇଥିଲେ। ଅଧାପକ କାଳିଚରଣ ଖାଡାଙ୍ଗା ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ବିଭିନ୍ନ ମହାବିଦ୍ୟାଳୟରୁ ଶିବିରାର୍ଥୀମାନେ ଯୋଗଦେଇଥିଲେ। ଶିବିରରେ ରେଡକ୍ରସର ଇତିହାସ, ବିକାଶ, ଚିହ୍ନ, ବିପର୍ଯ୍ୟୟ ପରିଚାଳନା, ଏଡ୍‌ସର ନିରାକରଣ, ପ୍ରାଥମିକ ଚିକିତ୍ସା, ରକ୍ତଦାନର ମହତ୍ତ୍ୱ, ସଡକ ସୁରକ୍ଷା ଆଦି ଉପରେ ତାଲିମ ଦିଆଯିବ। ପ୍ରଥମ ଦିନରେ ଅଧାପକ ସରୋଜ କୁମାର ପଣ୍ଡା ଓ କର୍ତ୍ତବ୍ୟ ପ୍ରକଳ୍ପ ପରିଚାଳିକା ଦୀପ୍ତିମୟୀ ବାରିକ ଶିବିରାର୍ଥୀମାନଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧାପକ ଅଶୋକ କୁମାର ସାହୁ, ପ୍ରଭାକର ତ୍ରିପାଠୀ, ସଞ୍ଜୀବ କୁମାର ଅଗ୍ରୱାଲ, ସୁଶାନ୍ତ କୁମାର ମୁଣ୍ଡ, ନବୀନ ମେହେର ପ୍ରମୁଖ ସହଯୋଗ କରିଥିଲେ। ଶିବିର ନିର୍ଦ୍ଦେଶକ ରାଜେଶ କୁମାର ମୁଣ୍ଡ ଧନ୍ୟବାଦ ଦେଇଥିଲେ।

## ସ୍ମାର୍ଟ ହାଇସ୍କୁଲ ପରେ ପୋଷ୍ୟ ସ୍କୁଲ ଗ୍ରହଣ କଲେ ମନ୍ତ୍ରୀ

**ମହିଚଲା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟ**

**କୁନାଗଡ, ୨୬।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ମହିଚଲା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ କଳାହାଣ୍ଡି ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ସ୍ମାର୍ଟ ହାଇସ୍କୁଲ କରିବା ପାଇଁ ଘୋଷଣା କରିଥିଲେ। ଜିଲାପାଳଙ୍କ ଘୋଷଣା ପରେ ସ୍ମାର୍ଟ ହାଇସ୍କୁଲ ପାଇଁ ଯେଉଁ ସବୁ ଉନ୍ନୟନ କାମ ହେବା କଥା ତାହା ମଧ୍ୟ ଆରମ୍ଭ ହୋଇଯାଇଛି। ଯାହାର ତଦାରଖ କରିବା ପାଇଁ ଖୋଦ୍ ବୁଧବାର ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଅନୁଧ୍ୟାନ କରି ଫେରିଛନ୍ତି। ଏପରିସ୍ଥଳେ କୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ମହିଚଲା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା ସୂଚନା ମିଳିଛି। ଯାହାକୁ ନେଇ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ବେହେରା ଓ ମହିଚଲା ପଞ୍ଚାୟତବାସୀଙ୍କୁ ମନ୍ତ୍ରୀ ମିଶ୍ରଙ୍କୁ ସୋସିଆଲ ମିଡିଆ ମାଧମରେ କୃତଜ୍ଞତା ଜଣାଇଛନ୍ତି। ମନ୍ତ୍ରୀ କ୍ୟାପଟେନ ମିଶ୍ର ପୂର୍ବରୁ କୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମହାଲିଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି।

## ନୀତିକାନ୍ତିରେ ମାଘମେଳା: ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ଅତିଥି ବୃନ୍ଦ ପୁସ୍ତକ ସନ୍ଥ ଭାଗବତକୁ ଉନ୍ମୋଚନ କରୁଛନ୍ତି ।

**ସୋନପୁର,୨୬।୨(ନି.ପ୍ର.)**

ସନ୍ଥ କବି ଭୀମ ଭୋଇଙ୍କ ସମାଧି ପୀଠ ଖଲିଆପାଲିଠାରେ ମାଘ ମେଳା କୋଭିଡ ଗାଇଡ୍ ଲାଇନ୍ ଅନୁସାରେ ପାଳନ ହେଉଛି। ଶୁକ୍ରବାର କେବଳ ନୀତିକାନ୍ତିରେ ପୂଜା କରାଯାଇଛି। ଏହି ଅବସରରେ ସାଧୁସନ୍ଥଙ୍କ ଗହଣରେ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ସେହିପରି ଲେଖକ ଆର୍ତ୍ତତ୍ରାଣ ବାବୁଙ୍କ ଲିଖିତ ପୁସ୍ତକ ସନ୍ଥ ଭାଗବତ ଲୋକାର୍ପିତ ହୋଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ନିହାର ରଞ୍ଜନ କହଁର, ପଞ୍ଚାୟତ ସମିତି ଅଧକ୍ଷା ମନ୍ଦାକିନି ନାଗ, ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ନବୀନ ପାଢୀ, ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲା, ମହାଦେବ ବଗର୍ତ୍ତି, ରଘୁନାଥ ଅଗ୍ରୱାଲା, ଅମୃତି ପୁଟେଲ ଓ ଜ୍ୟୋତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେବାୟତ, ମହିମା ଧର୍ମର ପ୍ରତିନିଧି ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସନ୍ଥକବି ଖଲିଆପାଲିରେ ଜୀବନର ଶେଷ ୨୦ବର୍ଷ ବିତାଇ ତାଙ୍କର ଶ୍ରେଷ୍ଠ ସାହିତ୍ୟ କୃତି ସବୁ ରଚନା କରିଥିଲେ। ତେବେ କୋଭିଡ୍ ପୁନଃ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ମାଘମେଳାର ସାରସ୍ୱତ ମେଳା ଓ ଆନୁସଙ୍ଗିକ କାର୍ଯ୍ୟକ୍ରମକୁ ଚଳିତ ଥର ବାତିଲ କରାଯାଇଛି । ଗୁରୁବାରଠାରୁ ଆରମ୍ଭ ହୋଇଥିବା ମାଘ ମେଳା ଶନିବାର ପର୍ଯ୍ୟନ୍ତ ଚାଲିବ। ପରମ୍ପରାମତେ ଶୁକ୍ରବାର ଅପରାହ୍ନରେ ମନ୍ଦିରର ଦ୍ୱାର ଉନ୍ମୁକ୍ତ ହୋଇଥିଲା। ମେଳା ଅବସରରେ ସମାଧି ପୀଠ ଦୁଇଦିନ ପାଇଁ ଶ୍ରଦ୍ଧାଳୁଙ୍କ ସକାଶେ ଖୋଲା ରହିଥାଏ। କବିଙ୍କ ପାଦୁକା ଓ ସମାଧିଙ୍କୁ ଦର୍ଶନ କରି ଭକ୍ତ ନିଜକୁ ଧନ୍ୟ ମନେ କରିଥାନ୍ତି।

## ଧାନ ନ ଉଠିବା ପ୍ରତିବାଦରେ ଜିଲାପାଳ ଅଫିସ ଘେରିଲେ ଚାଷୀ

**ତରବୋଡ/ନୂଆପଡା ଅଫିସ, ୨୬।୨ (ଡି.ଏନ.ଏ.)**

ନୂଆପଡା ଜିଲାର ବିଭିନ୍ନ ମଣ୍ଡିରେ ଖୋଲା ଆକାଶ ତଳେ ୨ ଲକ୍ଷ କୁଇଣ୍ଟାଲ ଧାନ ପଡିରହିଛି। ବର୍ତ୍ତମାନ ଜିଲାରେ ୩୫ଶହ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି। ଏହାର ପ୍ରତିବାଦରେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀମାନେ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଟୋକନକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଗୁହାରୀ କରିଥିଲେ। ଜିଲା ପ୍ରଶାସନ, ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଚାଷୀଙ୍କ ପାଇଁ ଦୁଃଖକଷ୍ଟ ସାଜିଥିବା ଟୋକନ ବ୍ୟବସ୍ଥାକୁ ରଦ୍ଦ କରି ମଣ୍ଡିରେ ଦୁର୍ନୀତି ପ୍ରିୟାପ୍ରିତି ଓ ଅବ୍ୟବସ୍ଥାକୁ ବନ୍ଦ କରାଯାଉ। ଚାଷୀଙ୍କଠାରୁ ଅନ୍ୟାୟ ଭାବେ ପ୍ରତ୍ୟେକ ମଣ୍ଡିରୁ ନେଇଥିବା ବସ୍ତାର ଦାମ ହିସାବ କରି ଚାଷୀଙ୍କୁ ପଇଠ କରନ୍ତୁ। ରବି ଚାଷୀଙ୍କ ତୁରନ୍ତ ପଞ୍ଜୀକରଣ କରି ବିନା ଟୋକନରେ ଧାନ ସଂଗ୍ରହ କରିବା ବ୍ୟାବସ୍ଥା କରିବାକୁ ଦାବି କରିଥିଲେ। ଆସନ୍ତା ୩ ଦିନ ମଧ୍ୟରେ ଜିଲାର ସମସ୍ତ ମଣ୍ଡିରୁ ଧାନ ସଂଗ୍ରହ କରା ନ ଗଲେ ମାର୍ଚ୍ଚ ୧ ତାରିଖରେ ଶତାଧିକ ଚାଷୀ ଗଣତାନ୍ତ୍ରୀକ ହିସାବରେ ଆନ୍ଦୋଳନକୁ ଓହ୍ଲାଇ ଜିଲାପାଳ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଅଚଳ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଭକ୍ତବନ୍ଧୁ ଧରୁଆ, ବସନ୍ତ ସିଂ ଠାକୁର, ଲାଲମନ ସାହୁ, ମୁକେଶ ଯାଦବ, ଦୟାରାମ ମାଝି, ଶିବ ସାଗର ରାଉତ, ମନୋଜ ସାହୁ, ମାଣିକଲାଲ ମାଝି ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ।

## ଖୋଲା ଆକାଶତଳେ ପଡ଼ାବାସୀ

**ତରବୋଡ/ନୂଆପଡା ଅଫିସ, ୨୬।୨ (ଡି.ଏନ.ଏ.)**


ଉଚ୍ଛେଦ ପରେ ଦୋକାନ ଘର ଭାଙ୍ଗିପଡ଼ିଛି।

**୨୪ ଘଣ୍ଟା ନ ପୂରୁଣୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ**

ନୂଆପଡା ସଦର ଏନଏସି ୱାର୍ଡ ନମ୍ବର ୫ର ତେଲିପଡା ବନ୍ଧହିଡ ଉପରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ୨୫ରୁ ଅଧିକ ପରିବାର ଘର କରି ରହି ଛୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ସମସ୍ତ ବସ୍ତିବାସିନ୍ଦାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟା ମଧ୍ୟରେ ଘର ଖାଲି କରିବାକୁ ନୋଟିସ ଜାରି କରାଯାଇଥିଲା। ଏହାକୁ ବିରୋଧ କରି ଗୁରୁବାର ପଡାର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଆମକୁ ପ୍ରଥମେ ଘର ଡିହ ଓ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦିଅ ତାପରେ ଆମକୁ ଉଚ୍ଛେଦ କର, ନ ହେଲେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସାମୂହିକ ଆତ୍ମହତ୍ୟା କରିବୁ। ହାତରେ ପେଟ୍ରୋଲ ଧରି ବିକ୍ଷୋଭ କରି ଜିଲା ପ୍ରଶାସନକୁ ଚେତାବନୀ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଓ ତହସିଲଦାର ଦେବେନ୍ଦ୍ର ରାଉତ ଆସି ମହିଳାମାନଙ୍କ ସହିତ ଆଲୋଚନା କରି ଭୂମି ହିନମାନଙ୍କୁ ୪ ଡେସମିଲ ଘରଡିହ ପ୍ରଦାନ କରାଯିବ ଓ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ମହିଳାମାନେ ବିକ୍ଷୋଭରୁ ଓହରିଥିଲେ। ହେଲେ ୨୪ ଘଣ୍ଟା ନ ପୂରୁଣୁ ତେଲିପଡା ବନ୍ଧ ହିଡରେ ଥିବା ସମସ୍ତ ଘର ଓ ଦୋକାନ ଘରକୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଭଙ୍ଗା ଦିଆଯାଇଛି। ସେମାନଙ୍କ ଥଇଥାନ ନ କରି ଗୃହଭାଙ୍ଗି ଦେଇଥିବାରୁ ପଡାବାସୀ ଏବେ ଖୋଲା ଆକାଶତଳେ ପଡ଼ିରହିଛନ୍ତି। ସୂଚନା ଯେ, ପୋଖରୀର ସୌନ୍ଦର୍ଯ୍ୟକରଣ କରିବା ସହ ପାର୍କ ତିଆରି କରିବା ପାଇଁ ଜିଲା ପ୍ରଶାସନ ଯୋଜନା କରି ପୋଖରୀ ହିଡରେ ଥିବା ୭ଟି ଦୋକାନ ଗୃହ ଓ ୮ଟି ବାସଗୃହ ଏବଂ ଶନି ମନ୍ଦିରକୁ ପ୍ରଶାସନ ଜେସିବି ଲଗାଇ ଭଙ୍ଗାଯାଇଛି। ମାଜିଷ୍ଟ୍ରେଟ ଦେବେନ୍ଦ୍ର ରାଉତଙ୍କ ଉପସ୍ଥିତିରେ ଡିଏସପି ପ୍ରଶାନ୍ତ କୁମାର ପଟ୍ଟନାୟକ, ଆଇଆଇସି ସଂଯୁକ୍ତା ବାର୍ଲାଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଉଚ୍ଛେଦ ପଡାର ଲୋକମାନଙ୍କୁ ଥଇଥାନ ହେବା ପର୍ଯ୍ୟନ୍ତ ମନଦିରପଡା ପ୍ରାଥମିକ ବିଦ୍ୟାଳୟରେ ରହିବା ପାଇଁ ଦିଆଯିବ ବୋଲି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ସୂଚନା ଦେଇଛନ୍ତି।